ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶନିବାର ୧୬ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 MARCH 2024
Vol.No. 35 ■ No.75 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ଆଜି ଘୋଷଣା ହେବ ଲୋକସଭା ଓ ବିଧାନସଭା ନିର୍ବାଚନ ତାରିଖ



ନୂଆଦିଲ୍ଲୀ, ୧୫/୩ : ଶନିବାର ହେବ ଲୋକସଭା ଓ ବିଧାନସଭା ନିର୍ବାଚନ ତାରିଖ ଘୋଷଣା । ଅପରାହ୍ଣ ୩ଟା ବେଳେ ସାମ୍ବାଦିକ ସମ୍ମିଳନୀ କରିବେ ନିର୍ବାଚନ କମିଶନ । ଲୋକସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରିବେ । ନୂଆ ଇଲେକସନ୍ କମିଶନଙ୍କ ନିଯୁକ୍ତି ପରେ ଆଜି ବସିଥିବା ବୈଠକରେ ଏନେଇ ନିଷ୍ପତି ହୋଇଛି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛି ନିର୍ବାଚନ କମିଶନ୍ । ତେବେ ତାରିଖ ଘୋଷଣା ପରେ ଲାଗୁ ହେବ ଆଦର୍ଶ ଆଚରଣ ବିଧି । ସୂଚନା ରହିଛି ଏପ୍ରିଲରୁ ଜୁନ୍ ମାସ ଭିତରେ ଦେଶରେ ସାଧାରଣ ନିର୍ବାଚନ ହୋଇପାରେ । ଲୋକସଭା ନିର୍ବାଚନ ସମେତ ଅରୁଣାଚଳପ୍ରଦେଶ, ଆନ୍ଧ୍ର ପ୍ରଦେଶ, ଓଡିଶା ଓ ସିକ୍କିମରେ ବିଧାନସଭା ନିର୍ବାଚନ ହେବ । ତେବେ ୨୦୧୯ରେ ଦେଶରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିବାବେଳେ ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା । ଦୁଇ ମୁଖ୍ୟ ନିର୍ବାଚନ କମିଶନର ନିଯୁକ୍ତି ପରେ ତୁରନ୍ତ ନିର୍ବାଚନ ତାରିଖ ଘୋଷଣା ଉପରେ ଜୋର ଦିଆଯାଇଛି । ସୁଖବୀର ସିଂ ସାନ୍ଧୁ ଓ ଜ୍ଞାନେଶ କୁମାର ନିର୍ବାଚନ କମିଶନରଭାବେ ନିଯୁକ୍ତ ହୋଇଛନ୍ତି ।

## ନୂଆ ଶିଳ୍ପ ସ୍ଥାପନ ପାଇଁ ଇଡକୋ ନେବ ବରଗଡ଼ ଚିନି କଳ ଜମି

ବରଗଡ଼ , ୧୫/୩ (ନି.ପ୍ର): ବରଗଡ଼ ଚିନି କଳ ଜମିକୁ ଇଡକୋକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଇଡକୋ ଏହି ଜମିରେ ନୂଆ ଶିଳ୍ପ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବ । ବରଗଡ଼ ଚିନି କଳର ପୁନରୁଦ୍ଧାର ପରିବର୍ତ୍ତେ ରାଜ୍ୟ ସରକାର ନୂଆ ଶିଳ୍ପ ସ୍ଥାପନ ଏହାର ଜମିକୁ ଇଡକୋକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ବରଗଡ଼ସ୍ଥିତ ଚିନି କଳରେ ଯନ୍ତ୍ରାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂଆ ମେସିନ୍ ପାଇଁ ପାଣ୍ଠି ଅଭାବ ଓ ଅନ୍ୟାନ୍ୟ କାରଣ ନିମନ୍ତେ ଚିନିକଳରେ କାମ ବନ୍ଦ ରହିଥିଲା । ସେଥିପାଇଁ ଏହାର ଜମିକୁ ଇଡକୋକୁ ହସ୍ତାନ୍ତର କରି ନୂଆ ଶିଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଚିନିକଳର ମୋଟ ୧୦୩ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ଏକର ଜମି ପାଇଁ ଇଡକୋ ୪୦.୬୮କୋଟି ଟଙ୍କା ପ୍ରଦାନ କରିଛି । ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ତଥା ବରଗଡ଼ ସମବାୟ ଚିନିକଳର ଲିକ୍ୱିଡେଟରଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଛି । ବାକି ଜମି ବିବାଦମୁକ୍ତ ହେବା ପରେ ତାକୁ ମଧ୍ୟ ଇଡକୋକୁ ହସ୍ତାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

## କୁଆଡ଼େ ଗଲା ରତ୍ନଭଣ୍ଡାର 'ଚାବି ହଜିବା' ରିପୋର୍ଟ ?



ପୁରୀ, ୧୫/୩ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ତଦନ୍ତ କମିଶନଙ୍କ ଅନୁଧ୍ୟାନ ରିପୋର୍ଟର ସ୍ଥିତି ନେଇ ଷ୍ଟାଟସ୍ ରିପୋର୍ଟ ମାଗିଲେ ହାଇକୋର୍ଟ । ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ତଦନ୍ତ ରିପୋର୍ଟର ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି । ତଦନ୍ତ ଶେଷ କରି ଗତ ୨୦୧୮ ନଭେମ୍ବର ୨୯ରେ କମିଶନ ସରକାରଙ୍କୁ ରିପୋର୍ଟ ଦେଇସାରିଛନ୍ତି । ତେବେ ରିପୋର୍ଟ ଉପରେକି ପଦକ୍ଷେପ ଗ୍ରହଣ କରାଯାଇଛି । ସେ ସମ୍ପର୍କରେ ଷ୍ଟାଟସ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ୩ ସପ୍ତାହ ମହଲତ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିବାବେଳେ ଆସନ୍ତା ୫ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ । ଇତିମଧ୍ୟରେ ରତ୍ନଭଣ୍ଡାର ଖୋଲି ବିଭିନ୍ନ ମୂଲ୍ୟବାନ ସାମଗ୍ରୀର ଚିଠା ପ୍ରସ୍ତୁତ ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି । କମିଟି ଖୁବଶୀଘ୍ର ଏହାକୁ ଖୋଲିବା ସହ ତାଲିକା ପ୍ରସ୍ତୁତ କରିବା ଏବଂ ମରାମତି ବ୍ୟବସ୍ଥା କରିବେ ବୋଲି ଆଡ଼ଭୋକେଟ ▶▶ପୃଷ୍ଠା ୭

## ଗିରଫ ହେଲେ ଜଳେଶ୍ୱର ଥାନାର ପୂର୍ବତନ ଆଇଆଇସି ଧନେଶ୍ୱର ସାହୁ

ବାଲେଶ୍ୱର, ୧୫/୩ (ନି.ପ୍ର): ଦୀର୍ଘଦିନ ପରେ କ୍ରାଇମବ୍ରାଞ୍ଚ ପୁଲିସ ହାତରେ ଧରାପଡ଼ିଛନ୍ତି ଜଳେଶ୍ୱରର ଜଣେ ଥାନାବାବୁ । ସେ ହେଉଛନ୍ତି ପୂର୍ବତନ ଆଇଆଇସି ଧନେଶ୍ୱର ସାହୁ । ଆଜି ସକାଳେ କ୍ରାଇମବ୍ରାଞ୍ଚ ଟିମ୍ ସଦଳବଳେ କଟକ ନରସିଂହପୁର ସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ୨୦୨୦ ମସିହାରେ ଶ୍ରୀ ସାହୁ ଜଳେଶ୍ୱର ଥାନାରେ ଆଇଆଇସି ଥିଲେ । ଏହି ସମୟରେ ବେଳେ ସେଠାରେ କିଛି ବ୍ରାଉନସୁଗାର ମାଫିଆଙ୍କ ସହ ନିୟମିତ ଯୋଗସୂତ୍ର ସ୍ଥାପନ କରୁଥିବା ଏକ ଅଡିଓ କ୍ଲିପ୍ ସର୍ବସାଧାରଣରେ ପ୍ରଘଟ ହୋଇଯାଇଥିଲା । ଏହାପରେ ତୁରନ୍ତ ତାଙ୍କୁ ବାଲେଶ୍ୱର ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା । ପରେ ଡିଜିପି ତାଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏଭଳି ଏକ ସମ୍ବେଦନଶୀଳ ଘଟଣା କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା ଏବଂ ଘଟଣା ପର ଠାରୁ ଶ୍ରୀ ସାହୁ କୁଆଡ଼େ ଫେରାର ହୋଇଯାଇଥିଲେ । ତେବେ ବିଶ୍ୱସ୍ତ ସୂତ୍ରରୁ ଯାହା ଜଣାପଡ଼ିଛି, ଦୀର୍ଘଦିନ ପରେ ଆଜି ସକାଳେ କଟକ ଜିଲ୍ଲା ନରସିଂହପୁରରୁ କ୍ରାଇମବ୍ରାଞ୍ଚ ପୁଲିସ ତାଙ୍କ ତାଙ୍କ ଗିରଫ କରିଥିବା ସୂଚନା ମିଳିଛି ।

## ଏୟାରଲିଫ୍ଟରେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଆପୋଲୋ ଅଣାଗଲା: ସ୍ୱାସ୍ଥ୍ୟାବସ୍ଥା ସ୍ଥିର



ଭୁବନେଶ୍ୱର, ୧୫/୩ (ନି.ପ୍ର): ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଆଜି ଅପରାହ୍ନରେ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଯାଇଛି । ତାଙ୍କୁ ଆପୋଲୋ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି । ଆପୋଲୋ ହସ୍ପିଟାଲରେ ଡାକ୍ତରଙ୍କ ଏକ ଟିମ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଂଚ କରିଛନ୍ତି । ସୂଚନା ଅନୁସାରେ, ଗତକାଲି ରାତିରେ ଭୁବନେଶ୍ୱରରୁ ନିଜ ବରଗଡ଼ ବାସଭବନରୁ ଫେରିବା ସମୟରେ ରେଢ଼ାଖୋଲର ବେଲଡିହି ନିକଟରେ ତାଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଶ୍ରୀ ଆଚାର୍ଯ୍ୟ ଓ ତାଙ୍କ ପିଏସଓ ଆହତ ହୋଇ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସମ୍ବଲପୁରରୁ ଏୟାରଲିଫ୍ଟ କରି ଭୁବନେଶ୍ୱର ଅଣାଯାଇଛି । ▶▶ପୃଷ୍ଠା ୭

## ହିଂସାର ପଥର ଛାଡ଼ି ମୁଖ୍ୟ ସ୍ରୋତରେ ସାମିଲ୍ ହେଲେ ୨ ହାର୍ଡକୋର ନକ୍ସଲ

ମାଲକାନଗିରି , ୧୫/୩ (ନି.ପ୍ର): ହିଂସାର ପଥର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଲେ ୨ ହାର୍ଡକୋର ନକ୍ସଲ । ଆଉ ଉଭୟ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି । ରାଜ୍ୟ ସରକାରଙ୍କ ଆତ୍ମସାମର୍ପଣ ଥଇଥାନ ନୀତି ଅନୁସାରେ ଉଭୟଙ୍କୁ ଥଇଥାନ୍ କରାଯିବ ବୋଲି ଜଣାପଡ଼ିଛି । ଛତିଶଗଡରେ ନକ୍ସଲ ଦମନ ଯୋଗୁ ଓଡ଼ିଶାର ମାଲକାନଗିରି ମୁହାଁ ହେଉଛନ୍ତି କ୍ୟାଡର ନକ୍ସଲ । ଆଜି ଦକ୍ଷିଣ-ପଶ୍ଚିମାଞ୍ଚଳ ▶▶ପୃଷ୍ଠା ୭

## କେସିଆରଙ୍କ ଝିଅ କବିତାଙ୍କୁ ଗିରଫ କଲା ଇଡି



ନୂଆଦିଲ୍ଲୀ, ୧୫/୩ : ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କବିତାଙ୍କୁ ଗିରଫ କରିଛି । ହାଇଦ୍ରାବାଦ ସ୍ଥିତ କବିତାଙ୍କ ବାସଭବନରେ ଆଜି ଆୟକର ବିଭାଗ ଓ ଇଡି ରେଡ କରିଥିଲେ । ବେଶ କିଛି ଘଣ୍ଟାର ରେଡ ପରେ ମନି ଲଣ୍ଡରିଂ ମାମଲାରେ ଇଡି କବିତାଙ୍କୁ ଗିରଫ କରିଛି । ଗିରଫ ପରେ ତାଙ୍କୁ ଇଡି ଦିଲ୍ଲୀ ଆଣୁଥିବା ଜଣାପଡ଼ିଛି । ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାର ଅନ୍ୟତମ ଅଭିଯୁକ୍ତ ହେଉଛନ୍ତି କେ କିବତା । ଘଟଣାରେ ଆୟକର ବିଭାଗ ଓ ଇଡି କବିତାଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଥିବାରୁ ତାଙ୍କୁ ବାରମ୍ବାର ସମନ କରିଥିଲେ । କିନ୍ତୁ ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ଓ ତଦନ୍ତକାରୀ ସଂସ୍ଥା ସାମ୍ନାରେ ହାଜର ହେଉ ନଥିଲେ । ଏଥିପାଇଁ ଆଜି ଇଡି ଓ ଆୟକର ବିଭାଗରର ୧୦ ଜଣ ଅଧିକାରୀ ହାଇଦ୍ରାବାଦରେ ପହଞ୍ଚି କବିତାଙ୍କ ଘରେ ଛାନଭିନ କରିଥିଲେ । ଏହାପରେ ଇଡି ତାଙ୍କୁ ଗିରଫ କରିଛି । ଦିଲ୍ଲୀର ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ କ୍ଷମତାସୀନ ଆପ୍‌କୁ ସାଉଥ ଗ୍ରୁପ ୧୦୦ କୋଟି ଟଙ୍କା ଦେଇଥିଲା । ଏହି ଗ୍ରୁପର ସଦସ୍ୟ ହେଉଛନ୍ତି କବିତା ବୋଲି ଇଡି ଚାର୍ଜଶିଟରେ ଅଭିଯୋଗ କରିଛି । କିନ୍ତୁ ଏହାକୁ କବିତା ଖଣ୍ଡନ କରିଛନ୍ତି ଓ ଇଡି ନୋଟିସକୁ ସେ ମୋଦି ନୋଟିସ ବୋଲି କହିଥିଲେ । ଏହି ତଥାକଥିତ ଦୁର୍ନୀତି ଘଟଣାରେ ସିବିଆଇର ଗୋଟିଏ ଟିମ କବିତାଙ୍କ ବୟାନ ୨୦୨୨ ମସିହା ଡିସେମ୍ବର ୧ରେ ରେକର୍ଡ କରିଥିଲା । ଦୀର୍ଘ ୭ ଘଣ୍ଟା କାଳ ତାଙ୍କୁ ଜେରା କରିଥିଲା । ଏହାପରେ ଇଡି ଘଟଣାର ଛାନଭିନ ଜାରି ରଖିଛି ।

## ବିଜେଡି ଛାଡ଼ି ବିଜେପିରେ ମିଶିଲେ ବବିଙ୍କ ଭିଣୋଇ ଅରିନ୍ଦମ ରାୟ




ଭୁବନେଶ୍ୱର, ୧୫/୩ (ନି.ପ୍ର): ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି ଅଭିନେତା ଅରିନ୍ଦମ ରାୟ । ସେ ହେଉଛନ୍ତି ବିଜେଡି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଭିଣୋଇ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସେ ବିଜେପିରେ ଯୋଗ ଦେଇଥିବା କହିଛନ୍ତି । ଅରିନ୍ଦମ ଆଜି ବିଜେଡିରୁ ଇସ୍ତଫା ଦେବାର କିଛି ସମୟ ପରେ ଭୁବନେଶ୍ୱର ସ୍ଥିତି ରାଜ୍ୟ ବିଜେପି ମୁଖ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ । ମନମୋହନ ସାମଲ ଆନୁଷ୍ଠାନିକ ଭାବେ ଶ୍ରୀ ରାୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଶ୍ରୀ ରାୟଙ୍କ ସହ ତାଙ୍କ ସମର୍ଥକମାନେ ମଧ୍ୟ ବିଜେପିରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ଦଳ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ କଟକ ବିଜେପିର ବହୁ ନେତା ଉପସ୍ଥିତ ରହିଥିଲେ । ଉଲ୍ଲେଖଯୋଗ୍ୟ, ▶▶ପୃଷ୍ଠା ୭

## ନିର୍ବାଚନୀ ବଣ୍ଡ ଜରିଆରେ ବିଜେପି ଦୁର୍ନୀତି କରିଥିବା ଅଭିଯୋଗ କଲେ ବିରୋଧୀ: ସ୍ୱତନ୍ତ୍ର ତଦନ୍ତ ଦାବି




ନୂଆଦିଲ୍ଲୀ, ୧୫/୩ : ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ସନ୍ଧ୍ୟାରେ ନିର୍ବାଚନ କମିଶନ ନିର୍ବାଚନୀ ବଣ୍ଡର ତଥ୍ୟ ସାର୍ବଜନୀନ କରିଛନ୍ତି । ଏହି ତଥ୍ୟ ସାମ୍ନାକୁ ଆସିବା ପରେ କ୍ଷମତାସୀନ ବିଜେପିକୁ ଟାର୍ଗେଟ କରିଛନ୍ତି ବିରୋଧୀ । ନିର୍ବାଚନୀ ବଣ୍ଡରୁ ବିଭିନ୍ନ ରାଜନୀତିକ ଦଳ ପାଇଥିବା ମୋଟ ଚାନ୍ଦାର ୫୦%ରୁ ଅଧିକ ୬.୦୬୦.୫ କୋଟି ଟଙ୍କା ପାଇଛି । କ୍ଷମତାର ଅପବ୍ୟବହାର କରି ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କ ଠାରୁ ବିଜେପି ନିର୍ବାଚନୀ ବଣ୍ଡ ଜରିଆରେ ଟଙ୍କା ହାସଲ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି । କଂଗ୍ରେସର କହିବା କଥା ଯେ ବିଜେପିର ଦୁର୍ନୀତି ରଣକୌଶଳ ନିର୍ବାଚନୀ ବଣ୍ଡ ତଥ୍ୟ ସାମ୍ନାକୁ ଆସିବା ପରେ ପର୍ଦ୍ଦାଫାସ ହୋଇଯାଇଛି । ବିଭିନ୍ନ କମ୍ପାନୀର ବେଆଇନ କାର୍ଯ୍ୟକଳାକୁ ଲୁଚାଇବା ପାଇଁ ବିଜେପି ଚାନ୍ଦା ଆଦାୟ କରିଥିବା ଦଳ ଅଭିଯୋଗ କରିଛି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ନିର୍ବାଚନୀ ବଣ୍ଡ ଜରିଆରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି । ଏଥିସହ ସେ ଏହାର ସ୍ୱତନ୍ତ୍ର ତଦନ୍ତ ପାଇଁ ଦାବି କରିଛନ୍ତି । ତଦନ୍ତ ଶେଷ ନ ହେବା ଯାଏ ବିଜେପିର ପାଣ୍ଠିକୁ ଅଚଳ କରିବାକୁ ମଧ୍ୟ ସେ କହିଛନ୍ତି । ସେ କହିଛନ୍ତି, "ବିଜେପି ନିର୍ବାଚନୀ ବଣ୍ଡ ଜରିଆରେ କୋଟି କୋଟି ଟଙ୍କା ପାଇଛି । କଂଗ୍ରେସ ମଧ୍ୟ ଚାନ୍ଦା ପାଇଛି । କିନ୍ତୁ ଆମ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରି ଦିଆଯାଇଛି । ଯଦି ବିରୋଧୀ ଦଳଗୁଡ଼ିକର ଆକାଉଣ୍ଟକୁ ଫ୍ରିଜ କରି ଦିଆଯିବ, ତା'ହେଲେ ଆମେ କେମିତି ନିର୍ବାଚନ ଲଢ଼ିବୁ ?" ଖଡଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦି କହୁଥିଲେ ନା ଖାଉଙ୍ଗା, ନା ଖାନେ ଦୁଙ୍ଗା । ବର୍ତ୍ତମାନ ସ୍ପଷ୍ଟ ହୋଇଛି ଯେ ବିଜେପି ନିର୍ବାଚନୀ ବଣ୍ଡ ଜରିଆରେ ଟଙ୍କା ପାଇଛି । ନା ଖାଉଙ୍ଗା, ନା ଖାନେ ଦୁଙ୍ଗ, ▶▶ପୃଷ୍ଠା ୭

## ସିଏଏକୁ ନେଇ ଆମେରିକାର ବୟାନ: କଡ଼ା ପ୍ରତିକ୍ରିୟା ରଖିଲା ଭାରତ

ନୂଆଦିଲ୍ଲୀ, ୧୫/୩ : ଭାରତରେ ନାଗରିକତା ସଂଶୋଧନ ଆଇନ ବା ସିଏଏ ଲାଗୁ ହେବା ପରେ ଆମେରିକା ଚମକାଇ ଦେବା ଭଳି ବୟାନ ରଖିଥିଲା । ଧର୍ମ ଆଧାରରେ ଭାରତରେ ଶରଣାର୍ଥୀଙ୍କୁ ନାଗରିକତା ଦେବା ପାଇଁ ଆସିଥିବା ଆଇନ ଓ ସ୍ଥିତି ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଥିବା ୱାଶିଂଟନ ପକ୍ଷରୁ କୁହାଯାଇଛି । ତେବେ ଆମେରିକାର ଏପରି ବୟାନକୁ ଭାରତ ବିରୋଧ କରିଛି । ଉକ୍ତ ବୟାନ ସଂପୂର୍ଣ୍ଣ ଭାବେ ଭୁଲ, ତ୍ରୁଟିଯୁକ୍ତ ଓ ଅନାବଶ୍ୟ । ଏପରି ବୟାନ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ସହ ସମାନ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, "ନାଗରିକତା ସଂଶୋଧନ ଆଇନ ନାଗରିକତା ଦେବା ପାଇଁ ଆସିଛି । ଏହା କାହାର ନାଗରିକତା ନେବ ନାହିଁ । ନିର୍ଯାତନା ଭଳି ପ୍ରସଙ୍ଗକୁ ବୁଝିବା ସହ ସିଏଏ ମାନବ ସମ୍ମାନ ଓ ମାନବ ଅଧିକାରର ସହାୟତା କରିବ । ସିଏଏକୁ ନେଇ ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ବୟାନ ଉପରେ ଆମେ ଏତିକି କହିବାକୁ ଚାହିଁବୁ ଯେ ଏହା ଭୁଲ, ତ୍ରୁଟିଯୁକ୍ତ ଓ ଅନାବଶ୍ୟ । ଭାରତର ବହୁଳବାଦୀ ପରମ୍ପରା ଓ ବିଭାଜନ ପର ଇତିହାସ ସମ୍ପର୍କରେ ସମ୍ୟକ ଜାଣିଥିବା ଲୋକମାନେ ଏହାଠାରୁ ଦୂରରେ ରହିବା ଭଲ । ଭାରତର ସହଯୋଗୀ ଓ ଶୁଭେଚ୍ଛୁମାନେ ଏପରି ପଦକ୍ଷେପକୁ ସ୍ୱାଗତ କରିବା କଥା । ଭାରତର ସମ୍ବିଧାନ ସବୁ ଧର୍ମର ଲୋକଙ୍କୁ ସ୍ୱତନ୍ତ୍ର ଧାର୍ମିକ ସ୍ୱତନ୍ତ୍ରତା ଦେଇଥାଏ । ସଂଖ୍ୟାଲଘୁଙ୍କ ଚିନ୍ତାର କୌଣସି କାରଣ ନାହିଁ ।" ଆମେରିକାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଥ୍ୟୁ ମିଲରଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ ଯେ କ'ଣ ସିଏଏ ଭାରତରେ ଥିବା ଧାର୍ମିକ ସ୍ୱାଧୀନତାକୁ ପ୍ରଭାବିତ କରିବ ? ଏହାର ଜବାବରେ ସେ କହିଥିଲେ ଯେ ଆମେ ବିଚାର କରୁଛୁ । ଆମେ ତୀକ୍ଷ୍ଣ ଭାବେ ଉକ୍ତ ଆଇନ ଉପରେ ନଜର ରଖିଛୁ । ଏହା କେମିତି କାର୍ଯ୍ୟକାରୀ ହେଉଛି, ତା' ଉପରେ ବି ନଜର ରହିଛି ବୋଲି ସେ କହିଥିଲେ ।

# ବଡପଡାରେ ନୂତନ ଶିକ୍ଷା ସୌଧ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୧୫/୩ (ନି.ପ୍ର): ସ୍ୱାଭିମାନ ଅଂଚଳରେ ଶିକ୍ଷାର ନୂତନ ଆଲୋକବର୍ତ୍ତିକା ବଡପଡାରେ ନୂତନ ଶିକ୍ଷା ସୌଧକୁ ଆଜି ଉଦ୍ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଠାରେ ପ୍ରଥମ ଶ୍ରେଣୀରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ପାଠ ପଢିବେ ପିଲା। ଏକ ହଜାରରୁ ଅଧିକ ପିଲା ପାଠ ପଢିବେ। ଫାଇଭ-ଟି ଉପକ୍ରମରେ ୧୯ କୋଟି ଟଙ୍କା ଖର୍ଚ୍ଚରେ ସମସ୍ତ ଆଧୁନିକ ବ୍ୟବସ୍ଥା ଏଠାରେ ରହିଛି। ଏହି ଉଦଘାଟନ ବେଳେ ମୁଖ୍ୟମନ୍ତ୍ରୀ ବିକାଶ କାମରେ ମାଲକାନଗିରି ସବୁବେଳେ ମୋର ପ୍ରଥମ ପସନ୍ଦ, କଠିନ ପରିଶ୍ରମ, ଶୃଙ୍ଖଳା ଓ ନିଷ୍ଠାର ସହ ପାଠ ପଢିବାକୁ ପିଲାମାନଙ୍କୁ ପରାମର୍ଶ ଦେବା ସହ ଆଶୀର୍ବାଦ ଦେଇଥିଲେ। ସ୍ୱାଭିମାନ ଅଂଚଳର ପିଲାମାନେ ଗଢିବେ ସୁନ୍ଦର ଭବିଷ୍ୟତ। ଆଗାମୀ ଦିନରେ ସ୍ୱାଭିମାନ ଅଂଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ, ଯୁବଗୋଷ୍ଠୀ ପାଇବେ ବ୍ୟାପକ ନିଯୁକ୍ତି ସୁଯୋଗ। ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷା ଲାଭ କରିପାରିବେ। ୭ ଏକର ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଥିରେ ୧,୦୦୦ ରୁ ଅଧିକ ପିଲା ପାଠ ପଢିବେ। ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି। ସ୍ମାର୍ଟ କ୍ଲାସ ରୁମ, ୩ ହଜାର ପୁସ୍ତକ ବିଶିଷ୍ଟ ଇ-ଲାଇବ୍ରେରୀ, ଟ୍ରାଇବାଲ କର୍ଣ୍ଣର, କୁନି ପିଲାଙ୍କ ଆକ୍ଟିଭିଟି ରୁମ, ଏନ.ସି.ସି. ପ୍ରକୋଷ୍ଠ, କମ୍ପ୍ୟୁଟର ଲ୍ୟାବ, ଆଇ ସି ଟି ସ୍ମାର୍ଟ ଲିଆର୍ନିଙ୍ଗ ସେଂଟର, ବିଜ୍ଞାନ ପରୀକ୍ଷାଗାର, ୨୦୦ ଆସନ ବିଶିଷ୍ଟ ଛାତ୍ରାବାସ, ୫୦୦ ଆସନ ବିଶିଷ୍ଟ ଛାତ୍ରୀନିବାସ, , ସୁଦୃଶ୍ୟ ବଗିଚା, ଜିମ, ସ୍ପୋର୍ଟ୍ସ , ଆହୁରି ଅନେକ ସୁବିଧା ରହିଛି। କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହି ଆସିଛି। ଟଙ୍କିକିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ ବା ଲକ୍ଷ୍ମୀ ଯୋଜନା- ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏହିଠାରୁ ହିଁ ଆରମ୍ଭ କରି ଆସିଛି।ବଡପଡା ଶିକ୍ଷା ସୌଧ ପାଇଁ ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପିଲାମାନଙ୍କ ପାଠ ପଢାର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଏହି ଅନୁଷ୍ଠାନ ଗଢା ଯାଇଛି। ଏହି ସବୁ ସୁବିଧା ସହରର କୌଣସି ଆଧୁନିକ ଶିକ୍ଷା ଅନୁଷ୍ଠାନର ସୁବିଧାଠାରୁ କମ୍ ନୁହେଁ ବୋଲି ସେ କହିଥିଲେ। ସ୍ୱାଭିମାନ ଅଂଚଳର ପିଲାମାନେ ଏହାର ସୁଯୋଗ ନେଇ ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢିବେ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ।ଶୃଙ୍ଖଳା, ପ୍ରତିବଦ୍ଧତା ସହିତ କଠିନ ପରିଶ୍ରମ ଓ ନିଷ୍ଠାର ସହ କାମ କଲେ ସଫଳତାର ମାର୍ଗ ପ୍ରଶସ୍ତ ହୁଏ ବୋଲି ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିକ୍ଷା ସୌଧରେ ଥିବା ସମସ୍ତ ସୁବିଧାର ଉପଯୋଗ କରି ନିଜର ପ୍ରତିଭାର ବିକାଶ ପାଇଁ କାମ କରିବାକୁ ସେ କହିଥିଲେ ଏବଂ ନିଜ ପରିବାର, ନିଜ ସ୍କୁଲ ଓ ନିଜ ଗାଁ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପିଲାଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଫାଇଭ-ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପିଲାମାନଙ୍କ ମନରେ ବଡ ହେବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଅନୁସୂଚିତ ଜାତି ଓ ଜନଜାତି ପିଲାମାନେ ପାଠପଢାଠାରୁ ଖେଳ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି ମତ ଦେଇ ସେ ଏଥିପାଇଁ ଖୁସି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଫାଇଭ-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଯୋଗଦେଇ କହିଥିଲେ ଯେ, ଆଗାମୀ ଦିନରେ ସ୍ୱାଭିମାନ ଅଂଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହା ମାଧ୍ୟମରେ ସ୍ୱାଭିମାନ ଅଂଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ମାଲକାନଗିରିରୁ ହିଁ କରାଯାଇଛି। ସ୍ୱାଭିମାନ ଅଂଚଳର ବିକାଶ ନିମନ୍ତେ ସେତୁ ଯୋଜନାର ପରିକଳ୍ପନା ଜରିଆରେ ଅଂଚଳରେ ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତିଭୂମିର ବିକାଶ ହୋଇପାରିଛି। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ସମାରୀ ଟାଙ୍ଗୁଲୁ ଏହି ଶିକ୍ଷା ସୌଧ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଫାଇଭ-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ଉଦ୍ୟମର ଉଚ୍ଚପ୍ରଶଂସା କରିଥିଲେ। ମାଲକାନଗିରି ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ।

# ବିଧାନସଭା ପ୍ରାର୍ଥୀତ୍ୱ ଚୟନ ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ଗୁରୁତ୍ୱ ଦିଆଯାଉ : ଲୋଇସିଂହା ସ୍ୱାଭିମାନ ମଂଚ

ବଲାଙ୍ଗିର, ୧୫/୩ (ନି.ପ୍ର): ବିଭିନ୍ନ ରାଜନୈତିକ ଦଳ ବିଶେଷ କରି ବିଜୁ ଜନତା ଦଳ ଆଗାମୀ ନିର୍ବାଚନରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଚୟନ ବେଳେ ଅଂଚଳର ଭୋଟର ହୋଇଥିବା ସ୍ଥାନୀୟ ଯୋଗ୍ୟ ବ୍ୟକ୍ତିଙ୍କୁ ଦଳର ଟିକଟ ଦେବାକୁ ଲୋଇସିଂହା ସ୍ୱାଭିମାନ ମଂଚ ଦାବି କରିଛି। ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ମଂଚ ର ଏକ ସାମ୍ବାଦିକ ସମ୍ମିଳନୀରେ ଲୋଇସିଂହା ସ୍ୱାଭିମାନ ମଂଚ ର ସଭାପତି ଜଗବନ୍ଧୁ ପ୍ରଧାନ ଉପସଭାପତି ଭରତ ଭୂଷଣ ପ୍ରଧାନ ମଂଚର ଅନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ କହିଲେ ଯେ, ଗତ ନିର୍ବାଚନ ଗୁଡିକରେ ବିଜେଡି ପକ୍ଷରୁ ଅନ୍ୟ ଅଂଚଳରୁ ପ୍ରାର୍ଥୀ ଆଣି ଦେଇଥିବା ଯୋଗୁଁ ଅଂଚଳର ବିକାଶ କାର୍ଯ୍ୟ ବାଧା ପ୍ରାପ୍ତ ହୋଇଛି। ଏହି ମଂଚ ୨୦୧୮ ଯୋଗେନ୍ଦ୍ର ବେହେରା ବିଧାୟକ ନିର୍ବାଚିତ ହୋଇଥିଲା ବେଳେ ତାଙ୍କ ଅନ୍ୟାୟ ଦୁର୍ନୀତି ମୂଳକ କାର୍ଯ୍ୟକୁ ଦମନ କରିବା ପାଇଁ ମଂଚ ଗଠିତ ହୋଇଥିଲା। ସେହିଦିନ ଠାରୁ ମଂଚ ଅନେକ ସାମାଜିକ ରାଜନୀତିକ ସଂସ୍କାର ନିମନ୍ତେ କାର୍ଯ୍ୟକ୍ରମ କରି ଆସିଛି। ମଂଚର କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ବର୍ଷେ ତଳେ କାମଚଳା ସଭାପତି ଦାୟିତ୍ୱ ଦିଆଯାଇଥିଲା। ଦାୟିତ୍ୱ ପାଇଲା ପରେ ନିର୍ବାଚନ ମଣ୍ଡଳୀ ବିକାଶ ଭାବନା ଭୁଲି ବାହାର ବିଧାୟକ ଆଶାୟୀ ପ୍ରାର୍ଥୀ ସହିତ ଯୋଗାଯୋଗ ରଖି ନିର୍ବାଚନ ମଣ୍ଡଳୀ ଅସ୍ମିତାକୁ ଜଳାଞ୍ଜଳି ଦେବାକୁ କୁଣ୍ଠାବୋଧ କଲେ ନାହିଁ। କୋର କମିଟି ର ବାରମ୍ବାର ତାଗିଦ ସତ୍ତ୍ୱେ ନକରାତ୍ମକ କାର୍ଯ୍ୟରୁ ନିବୃତ ନହେବାରୁ ତାଙ୍କୁ ଦାୟିତ୍ୱରୁ ନିବୃତ କରି ସେହି ସ୍ଥାନରେ ଜଗବନ୍ଧୁଙ୍କୁ ସ୍ଥାୟୀ ସଭାପତି ଓ ଭରତଭୂଷଣଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଛି। ପୂର୍ବ ସଭାପତିଙ୍କୁ ଅପସରଣ ପରେ ସେ ତ୍ରୁଟି ସମୀକ୍ଷା କରି ସୁଧୁରିବା ବଦଳରେ କ୍ରୋଧାନ୍ୱିତ ହୋଇ ଗଣମାଧ୍ୟମ ଆଗରେ କୁତ୍ସା ମୂଳକ ବିବୃତି ରଖୁଛନ୍ତି। ମଂଚ ପାଖରେ ଜମାପୁଞ୍ଜି ନାହିଁ ଯେଉଁଥିରେ ସେ ଲୋକଙ୍କୁ ଆକୃଷ୍ଟ କରିଥିବା ଭଳି ମଂଚ କାର୍ଯ୍ୟକ୍ରମ ହାତକୁ ନେଇପାରିବ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠକ ପ୍ରଦୀପ ଗୁରୁ, ସହଦେବ ସା, ଦେବରାଜ ଅମାତ, ଶେଷଦେବ ପାଢ଼ୀ, କୁଳକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଦି ବେଲ ପକ୍ଷରୁ ରକ୍ତଦାନ ଶିବିର

ପୁରୀ, ୧୫/୩ (ନି.ପ୍ର): ରକ୍ତ ହୀନତା, କୁପୋଷଣ ତଥା ଗର୍ଭ ଧାରଣ ସମୟରେ ମହିଳା ମାନଙ୍କ ରକ୍ତର ଆବଶ୍ୟକତା ଅଧିକ ଥାଏ, କିନ୍ତୁ ରକ୍ତଦାନ କ୍ଷେତ୍ରରେ ମହିଳା ମାନଙ୍କ ଭାଗିଦାରିତା କମ ଥାଏ । ତେଣୁ ରକ୍ତଦାନ କ୍ଷେତ୍ରରେ ମହିଳା ମାନଙ୍କୁ ସଚେତନ କରାଇବା ଓ ରକ୍ତ ଦାନ କ୍ଷେତ୍ରରେ ସେମାନଙ୍କ ଭାଗିଦାରିତା ବଢ଼ାଇବା ପାଇଁ ପୁରୀ ଜିଲ୍ଲା ସ୍ୱେଚ୍ଛାସେବି ସଂଗଠନ ସାମୁଖ୍ୟ ଦି ବେଲ୍ ତରଫରୁ ମହିଳା ସପ୍ତାହ ପାଳନ ଅନ୍ତେ ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ର ସହଯୋଗିତାରେ ଚକ୍ରତୀର୍ଥ ରୋଡ ସ୍ଥିତ ଷ୍ଟେଟବ୍ୟାଙ୍କ ହଲିଡେ ହୋମ ଠାରେ ଆୟୋଜିତ ଏହି ରକ୍ତ ଦାନ ଶିବିରକୁ ପୁରୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସୌରଭ ରଥ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଷ୍ଟେଟ ବ୍ୟାଙ୍କ ସଦା ସର୍ବଦା ସାମାଜିକ କାର୍ଯ୍ୟରେ ନିଜର ସହଭାଗିତା ରଖିଛି ବୋଲି ଏହି ଅବସରରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ଯୁବ ସେବାୟତ ହରେକୃଷ୍ଣ ସିଂହାରୀ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଗୁରୁବାର ଓ ସଂକ୍ରାନ୍ତିରେ ଆୟୋଜିତ ହେବା ସତ୍ତ୍ୱେ ମହିଳା ମାନଙ୍କ ଅଂଶଗ୍ରହଣ ଏଥିରେ ଅଧିକ ଥିଲା। ସର୍ବମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ଅଙ୍ଗ ଶରୀର ଦାନ କାର୍ଯ୍ୟକ୍ରମ ମଧ ଆୟୋଜିତ ହେଇଥିଲା।୧୫ ଜଣ ଅଙ୍ଗ ଓ ଶରୀର ଦାନ କରିଥିଲେ। ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ରର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତ ରକ୍ତଦାତା ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଶରୀର ଓ ଅଙ୍ଗଦାନ କରିଥିବା ମହିଳା ମାନଙ୍କୁ ଅନୁଷ୍ଠାନ ତରଫରୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁକାନ୍ତ ପଣ୍ଡା, ରାଜ କିଶୋର ପାତ୍ର, ବ୍ରଜ କିଶୋର ସାହୁ, ବନିତା ଦୀକ୍ଷିତ, ପାର୍ବତୀ ରାଭା, ପ୍ରୀତି ପ୍ରିୟଦର୍ଶିନୀ ସ୍ୱାଇଁ, ଅର୍ପିତା ନାୟକ, ବିଭୂତି ସାହୁ, ଦୀପା ସାହୁ, ସୁନିଲ ସ୍ୱାଇଁ, ରାହୁଲ ପଢ଼ିଆରି, ମିନତି ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ନୂତନ ଗୃହର ଶିଳାନ୍ୟାସ

କେନ୍ଦ୍ରାପଡ଼ା, ୧୫/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ନୂତନ ଗୃହକୁ ଆଜି ଅପରାହ୍ନରେ କେନ୍ଦ୍ରାପଡା ବିଦାୟକ ଶଶିଭୂଷଣ ବେହେରା ଶିଳାନ୍ୟାସ କରିଅଛନ୍ତି । ଦୁହୁରିଆ ସ୍ଥିତ ଏକ ମହଲା ଗୃହ ଉପରେ ଆଉ ଏକ ମହଲା ଗୃହ ନିର୍ମାଣ ନିମନ୍ତେ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ୫-ଟି ସଚିବଙ୍କୁ ତାଙ୍କର କେନ୍ଦ୍ରାପଡା ଭ୍ରମଣ ସମୁୟରେ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦରଖାସ୍ତ ପ୍ରଦାନ କରାଯାଇଥିଲା । ବିଳମ୍ବରେ ହେଲେ ମଧ ଏହି ନୂତନ ଗୃହ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିବାରୁ ସାହିତ୍ୟ ସଂସଦ ପରିବାର ତରଫରୁ ସାହିତ୍ୟ ସଂସଦର ସଭାପତି ଡଃ ବାସୁଦେବ ଦାସ, ସମ୍ପାଦକ ଶୁଭାଂଶୁ କୁମାର ଦାସ, କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଉପସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, ପାର୍ବତୀ ନାୟକ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ସହସମ୍ପାଦକ ଶରତ କୁମାର ରାଉତ, ଉପଦେଷ୍ଟା କାର୍ତ୍ତିକ ଚରଣ ନାୟକ, ଗୋଲକ ସେଠୀ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ୫-ଟି ସଚିବ ଭି. କେ. ପାଣ୍ଡିଆନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଶଶିଭୂଷଣ ବେହେରାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଦିନେ ଏହି ଅନୁଷ୍ଠାନ କେନ୍ଦ୍ରାପଡା ଜିଲ୍ଲାରେ ସାହିତ୍ୟ ସଂସ୍କୃତିର କୋଣାର୍କ ଭାବରେ ପ୍ରତିୟମାନ ହେବ ବୋଲି ବିଧାୟକ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ।

# ବରୀ ପ୍ରେସ୍ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଧର୍ମଶାଳା, ୧୫/୩ (ନି.ପ୍ର): ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା କରୁଛନ୍ତି । ସମସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ କରୁଛନ୍ତି । ହେଲେ ସାମ୍ବାଦିକ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ । ବହୁ ସମୟରେ ସାମ୍ବାଦିକଟିଏ ନିଜ ଜୀବନକୁ ବାଜି ଲଗାଇ ସାଧାରଣଲୋକଙ୍କ ସେବା ଯୋଗାଇ ଥାଏ । ଅନ୍ୟପକ୍ଷେ ସରକାରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କ ନିକଟରେ ପଂହଚାଇ ଥାଏ । ନିଜେ ଦୁଃଖରେ ରହି ଦେଶ ବିଦେଶ ଓ ଜରୁରୀ କାଳୀନ ସମୟରେ ଖବର ସଂଗ୍ରହ କରି ଲୋକଙ୍କ ନିକଟରେ ପଂହଚାଏ । ହେଲେ ସାମ୍ବାଦିକ ପେନସନ ଓ ସୁରକ୍ଷା କଥା ସରକାର ଭୁଲିଯାଇଛନ୍ତି । ଏହି କ୍ରମରେ ଯାଜପୁର ଜିଲା ବରୀ ପ୍ରେସ୍ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରୀ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବରୀ ବଜାରଠାରେ ପ୍ରେସ୍ କ୍ଲବର ସଭାପତି ଓ କର୍ମକର୍ତାମାନେ ଏକତ୍ର ହୋଇ ଥିଲେ । ପରେ ତହସିଲ କାର୍ଯ୍ୟାଳୟରେ ପଂହଚି ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ସହିତ ଆଲୋଚନା କରିବା ସହିତ ସାମ୍ବାଦିକଙ୍କ ପେନସନ, ସୁରକ୍ଷା ଓ ଅନ୍ୟାନ୍ୟ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବି ପତ୍ର ପଠାଇଛନ୍ତି । ସାମ୍ବାଦିକମାନ ଖରା, ବର୍ଷା, ଶୀତ ଓ କାକର ,ପ୍ରାକୃତିକ ବିପର୍ଯ୍ୟୟକୁ ଖାତିର ନ କରି ଗୁରୁତର ସହ କାର୍ଯ୍ୟ ସମ୍ପାଦନ କରିଆସୁଛି । ଅଧିକାଂଶ ସମୟରେ ବହୁ ସାମ୍ବାଦିକ ଜୀବନକୁ ବିପନ୍ନ କରି ଦେଶ ଓ ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରୁଛନ୍ତି । ହେଲେ ସେମାନଙ୍କ ଦୁଃଖକୁ ସରକାର ଶୁଣନ୍ତୁ ବୋଲି ଏହି ଦାବିପତ୍ରରେ ଲଲ୍ଲେଖ କରିବା ସହିତ ଏହି ପ୍ରସଙ୍ଗକୁ ଗୁରୁତ୍ୱର ନେବା ସହ ତୁରନ୍ତ ପେନସନ,ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମଞ୍ଜୁରୀ କରିବାକୁ ପ୍ରେସ୍ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସାମ୍ବାଦିକ ହୃଷିକେଶ ଜେନା,ପଦ୍ମନାଭ ଜେନା,ପ୍ରଭାତ ମହାନ୍ତି,ସଂଜୟ କୁମାର ବେହେରା,ଶରତ କୁମାର ଜେନା,ପ୍ରତାପ ଦାସ,ବିଶ୍ୱଭୂଷଣ ଜେନା,ରାଜକୁମାର ମହାନ୍ତି ଓ ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ୟାୟ ବିରୋଧରେ ମୁହଁ ଖୋଲି ସମାଜସେବୀ ଗାଁରୁ ବାସନ୍ଦ: ପୁଲିସ ନିରବ

ରାଉରକେଲା, ୧୫/୩ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ଭଲଭାବେ ପରିଚିତ ତଥା ଆନ୍ତର୍ଜାତିକ ସ୍ତରରେ ସମାଜ ସେବା ଲାଗି ପୁରସ୍କୃତ ହୋଇଥିବା ସମାଜସେବି ଚାନ୍ଦମଣୀ ସାଣ୍ଡିଲ ନିଜ ଗାଁରୁ ବାସନ୍ଦ ହୋଇଛନ୍ତି। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ପୁଲିସ ମଧ ଏନେଇ ନିରବ ବୋଲି ଅଭିଯୋଗ ହୋଇଛି । ଏନେଇ ଶ୍ରୀମତୀ ସାଣ୍ଡିଲ ରାଉରକେଲା ଏସପି, ହ୍ୟୁମାନ ରାଇଟ କମିଶନଙ୍କ ଦ୍ୱାରସ୍ଥ ହେବା ପରେ ଆଗାମୀ ଦିନରେ ସେ ନ୍ୟାୟଳୟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ଘଟଣାରୁ ପ୍ରକାଶ ଯେ, ସେ ରହୁଥିବା ଲାଠିକଟା ନିକଟ ଗାଁ ଏରଗେଟାରେ ଶିବରାତ୍ରୀ ଦିନ କିଛି ଲୋକ ଡିଜେ ବଜାଇ ରାତିରେ ନାଚିଥିଲେ, ତେବେ ରାତି ୧୦ଟା ପରେ ଏହାକୁ ବନ୍ଦ ଲାଗି ସେ ଅନୁରୋଧ କରି ବିଫଳ ହେବା ପରେ ସେ ଘଟଣାକୁ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ଫଳରେ ସବୁ କିଛି ବନ୍ଦ ହୋଇଯାଇଥିଲା । ପରେ ଗାଁର ୧୦ ରୁ ୧୫ ଲୋକ ଏକାଠି ହୋଇ ମିଟିଂ କରି ଚାନ୍ଦଙ୍କୁ ଗାଁରୁ ବାସନ୍ଦ କରି ଜଣାଇଦେଲେ ଯେ, ତାଙ୍କ ସହ ଯିଏ ମିଶିବ କଥା ହେବ ତାକୁ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡିବ, ଫଳରେ ଗାଁରେ ତାଙ୍କ ସହ କେହି କଥା ନହେବା ସହ ତାଙ୍କ ଦୋକାନକୁ ମଧ କେହି ଆସିଲେ ନାହିଁ, ଏଭଳି ବାସନ୍ଦକୁ ନେଇ ସେ ନିକଟସ୍ଥ ଚାନ୍ଦିପୋଷ ଥାନାକୁ ଜିବାରୁ ସେଠାରେ ମଧ ତାଙ୍କୁ ନ୍ୟାୟ ମିଳିଲାନି । ଫଳରେ ସେ ରାଉରକେଲା ଏସପି ଙ୍କୁ ଦେଖା କରି ନ୍ୟାୟ ମାଗିଛନ୍ତି । ଏଭଳି ସ୍ଥିତିରେ ତାଙ୍କର ମୌଳିକ ଅଧିକାର କ୍ଷୁର୍ଣ ହେବା ସହ ତାଙ୍କୁ ମାନସିକ ଆଘାତ ଲାଗିଛି, ତେଣୁ ସେ ଯଦି ନ୍ୟାୟ ନପାଆନ୍ତି ତେବେ ସମସ୍ତଙ୍କ ବିରୋଧରେ ସେ ଆଇନଗତ ଦୃଷ୍ଟିରୁ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ଆନ୍ତର୍ଜାତିକ ମହିଳା ଦିବସ ପାଳନର ଉଦ୍ଯାପନୀ ଉତ୍ସବ

ପୁରୀ, ୧୫/୩ (ନି.ପ୍ର): ସାମାଜିକ ସଂଗଠନ ''ସୁଶ୍ରୀ'' ଏବଂ ''ଭବ୍ୟ ନାରୀଶକ୍ତି ଫାଉଣ୍ଡେସନ୍'' ର ମିଳିତ ଆନୁକୂଲ୍ୟରେ ସପ୍ତାହବ୍ୟାପୀ ଚାଲିଥିବା ଆନ୍ତର୍ଜାତିକ ମହିଳା ଦିବସ ପାଳନର ଉଦଯାପନୀ ମହୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଂଚ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସମାଜସେବୀ ବସନ୍ତ କୁମାର ମହାନ୍ତି ଏବଂ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଶ୍ରୀ ଅନୁଷ୍ଠାନର ସମ୍ପାଦିକା ଅରୁଣିମା ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ପୌର ସଦସ୍ୟା ଅଞ୍ଜୁ ପ୍ରଧାନ ଏବଂ ନାରୀଶକ୍ତି ସଭାନେତ୍ରୀ ରେଣୁ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ନୃତ୍ୟ, କୁଇଜ୍, ମ୍ୟୁଜିକ ଚ୍ୟାର କବିତାପାଠ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲଲାଟେନ୍ଦୁ ମିଶ୍ର ମଂଚ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରଚିତା ରାଉତରାୟ, ବିଚିତ୍ରା ମିଶ୍ର, କାଂଚନ ଶୁକ୍ଳା, ପଦ୍ମିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମା'' ଦକ୍ଷିଣକାଳୀ ଏବଂ ବେଲବାଇ ସ୍ୱୟଂ ସହାୟକ ଗୋଷ୍ଠୀ ର କାର୍ଯ୍ୟ କର୍ତା ମାନେ ସହଯୋଗ କରିଥିଲେ। ଏଥିରେ ଅନେକ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କଳ୍ପନା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ଚାନ୍ଦପୁର ପ୍ରିମିୟର ଲିଗ ଉଦ୍ଘାଟିତ

କୋରେଇ, ୧୫/୩ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଠାରେ ରାତ୍ରୀକାଳୀନ ଚାନ୍ଦପୁର ପ୍ରିୟର ଲିଗ ଉଦ୍ଘାଟିତ ହୋଇଛି । ଏହି ଟୁର୍ଣ୍ଣାମେଂଟରେ ୬ଟି ଦଳ (ନିୟୁ କିଙ୍ଗ କେବ୍ରା, ମହାବୀର ସୁପର କିଙ୍ଗ, ତ୍ରୀଷା ଚ୍ୟାଲେଂଜର, ଅନୁରାଗ ୱାରିଅସ, ଲାୟନ ଇଲେଭେନ, ମା ମଙ୍ଗଳା ଟାଇଟନସ) ଭାଗନେବା ସହ ୫ ଦିନବ୍ୟାପି ଏହା ଚାଲୁ ରହିବ । ଏହି ଟୁର୍ଣ୍ଣାମେଂଟକୁ ପାଣିକୋଇଲିର ପୂର୍ବତନ ସରପଂଚ ବିଷ୍ଣୁ ଚରଣ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଉଦ୍ଘାଟନୀ ମ୍ୟାଚ ନିୟୁ କିଙ୍ଗ କୋବ୍ରା ବନାମ ତ୍ରୀଶା ଚ୍ୟାଲେଂଜର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିୟୁ କିଙ୍ଗ କୋବ୍ରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ୱିକେଟ ହରାଇ ୩୨ ରନ ସଂଗ୍ରହ କରିଥିଲା । ଜବାବରେ ତ୍ରୀଶା ଚ୍ୟାଲେଂଜର ୫.୨ଓଭରରେ ୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ଚଗଲା ସାହୁ ଓ ସୁରେଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କଳ୍ପନା ପରିଡା ଓ ବଳରାମସାହୁ ଏବଂ ଆନନ୍ଦରଣା ଓ ବଚନ ସ୍ୱାଇଁ ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କମିଟି ପକ୍ଷରୁ ଅମରେଶ ସ୍ୱାଇଁ, ମନ୍ମଥ ପଣ୍ଡା, ଆର୍ଶିବାଦ ସ୍ୱାଇଁ, ବାଂଗୁର ମହାରଣା, ଶଙ୍କର୍ଷଣ ପରିଡା, ପ୍ରହଲ୍ଲାଦ ପଣ୍ଡା, ରଂଜିତ ଜେନା, ସୁରଜ ପଣ୍ଡା, ଦେବୀ ପ୍ରସାଦ ସ୍ୱାଇଁ, ବ୍ରଜ ସ୍ୱାଇଁ, ବାଦଲ ସାମଲ, ଶିବ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗ ଆଣିଲେ କଂଗ୍ରେସ ନେତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟସେବା ଯୋଗାଇଥିବା ମିଥ୍ୟା

ମାଲକାନଗିରି, ୧୫/୩ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଏମିତି ଅନେକ କାର୍ଯ୍ୟ କରା ନଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି ସ୍ଥାନୀୟ ପ୍ରଶାସନ ଏବଂ ଅଂଚଳର କିଛି କୁଜି ନେତା ବୋଲି ଅଭିଯୋଗ ଆଣିଲେ କଂଗ୍ରେସର ବରିଷ୍ଠ ନେତା ଶରତ ବୁରୁଦା। ରାଜ୍ୟ ସରକାର ଜିଲ୍ଲାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପୁସ୍ତିକା ଛପାଯାଇ ଘରେ ଘରେ ବାଂଟିଛନ୍ତି ।ସେହି ପୁସ୍ତିକାରେ ଏମିତି କିଛି କାର୍ଯ୍ୟ ଦର୍ଶାଯାଇଛି ଯାହା ହୋଇନାହିଁ କିମ୍ବା ମିଥ୍ୟା ବିଲ ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ଶରତ ବୁରୁଦା। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାପରମେଟଲା ପଂଚାୟତରେ ଏସାର କମ୍ପାନୀ ଦ୍ୱାରା ସ୍ଥାପିତ ଜଳଯୋଗାଣ ପ୍ରକଳ୍ପକୁ ମିଛ ବିଲ୍ କରାଯାଇଛି। ବଡପଡା, ଜନ୍ତାପାଇ, ଚିତ୍ରକୋଣ୍ଡା ଠାରେ ଓପନ୍ ଜିମ୍ ନଥାଇ କାର ?ୟକ୍ଷମ ହେବା କାଗଜ କଲମରେ ଦର୍ଶାଯାଇଛି। ଓଡ଼ିଶା ଜୀବିକା ମିଶନ ସଂସ୍ଥା ତରଫରୁ ଚିତ୍ରକୋଣ୍ଡା ବ୍ଲକରେ ୧୦୦ ସିଲେଇ ମେସିନ ଗ୍ରୁପ୍ ମାନଙ୍କୁ ଦିଆଯାଇଥିବା ଦର୍ଶାଇଥିବା ବେଳେ ଏହା ଖତ ଖାଉଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରୁପକୁ ଦେବା ପାଇଁ ଆସିଥିବା ଇଟା ମେସିନ ଚିତ୍ରକୋଣ୍ଡା ଠାରେ ଖତ ଖାଉଛି, ସେହିପରି ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡା ବିଧାନସଭା କ୍ଷେତ୍ର ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଦ୍ୱାରା ଛପା ଯାଇଥିବା ଆମ ଓଡ଼ିଶା,ନବୀନ ଓଡିଶାଆମ ପଂଚାୟତ ର ବିକାଶପତ୍ରିକା ରେ ଅନେକ ତଥ୍ୟ ମିଛ ଏବଂ ବିନା କାମରେ ଫଟୋରେ ପ୍ରତିଫଳିତ ହେବା ନେଇ ପ୍ରେସ ମିଟ୍ କରାଯାଇଛି। କରତନପାଲି ପଂଚାୟତ କରତନପାଲି ଗ୍ରାମର ଦୈମତି ଭୂମିଆ ଗୁରୁତର ହୃଦଘାତ ରୋଗରେ ପୀଡ଼ିତ ଥିବା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଙ୍କର ମାଗଣାରେ ଚିକିତ୍ସା ହୋଇଥିବା ଦର୍ଶାଯାଇଛି। ଯାହାକି ସଂପୂର୍ଣ୍ଣ ମିଥ୍ୟା ତଥ୍ୟ ଅଟେ। ପତ୍ରିକାରେ ମିଛରେ ଛପିଥିବାରୁ ପରିବାର ଲୋକେ ଏବେ ମାନସିକ ଚାପରେ ଅଛନ୍ତି। ଏହାସହ କରତନପାଲି ପଂଚାୟତର କଂଟାଜବାଗୁଡା ଗାଁ ରାସ୍ତା କାମ ମୋଟ ୨ ଲକ୍ଷ ୭୩,୨୨୦ ଟଙ୍କାର କାମ ନ ହେଇ ଲାକଟିଗୁଡା ଉଦୟଗିରି ସିସି ରୋଡର ୫ ଲକ୍ଷର ଫଟୋ ଲାଗିଛି।

# ସଙ୍କଟମୋଚନ ଜନ୍ମୋତ୍ସବ ପାଇଁ କଳସ ଯାତ୍ରା

କୋରେଇ, ୧୫/୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହି ଠାରେ ଆଜି ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ଉପଲକ୍ଷେ କଳସ ଯାତ୍ରା ଆରମ୍ଭ ହୋଇଛି । ୩ ଦିନ ଧରି କାର୍ଯ୍ୟକ୍ରମ ଚାଲୁରହିବ । ଏହି ଉପଲକ୍ଷେ ଆଜି ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ଶୋଭଯାତ୍ରା ବାହାରି ସଙ୍କଟମୋଚନଙ୍କ ପାଖରେ ପହଂଚିଥିଲା । ସନ୍ଧ୍ୟାରେ ଭକ୍ତ ମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଗ୍ରାମର ସମସ୍ତ ଅଧିବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭୂକୃପା ଲାଭ କରିବା ସହ ସମୂହ ପ୍ରସାଦ ସେବନ କରିଥିଲେ । ଗୀତା ଯଜ୍ଞ, ନାମ ଯଜ୍ଞ ଓ ସାଂସକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୧୬ ତାରିଖ ପୂର୍ଣ୍ଣାହୂତି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ନିଜ ଦେଶକୁ ଫେରିଲେ ନେଦରଲାଣ୍ଡ ବିଦେଶୀ ପର୍ଯ୍ୟଟକ

ପୁରୀ, ୧୫/୩ (ନି.ପ୍ର): ନେଦରଲାଣ୍ଡରୁ ଓଡିଶା ବୁଲିବାକୁ ଆସି ଲୁଟର ଶିକାର ହୋଇଥିବା ବିଦେଶୀ ପର୍ଯ୍ୟଟକ ଆନଥୋନି ଭ୍ୟାନ ଅର୍କେଲ ନିଜ ଦେଶକୁ ଫେରିଛନ୍ତି । ବିଦେଶୀ ପର୍ଯ୍ୟଟକ ଆନଥୋନି ନିଜର ସମସ୍ତ ଟଙ୍କା ଏବଂ ଜିନିଷ ଚୋରି ହେବା ପରଠାରୁ ଅସହାୟ ଅବସ୍ଥାରେ ଜାନୁଆରୀ ୨୫ ରିଖ ରୁ ଫେବୃଆରୀ ୨୯ ରିଖ ପର୍ଯ୍ୟନ୍ତ ନୀଳାଦ୍ରି ନୀଳୟ ଭିକାରୀ ଆଶ୍ରୟ ସ୍ଥଳରେ ପୁଲିସ ଆଣି ଛାଡିବା ପରେ ଆଶ୍ରୟ ନେଉଥିଲେ । ତାଙ୍କର ଏଭଳି ଅବସ୍ଥା ଦେଖିବା ପରେ ସମାଜସେବି ଡାନିଆଲ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ ଦାସ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ନଜରକୁ ଘଟଣା ଟି ଆଣିଥିଲେ । ଏହି ଘଟଣାଟିକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି ଜିଲ୍ଲା ପ୍ରଶାସନ ସହାୟତାରେ ତାଙ୍କୁ ଉଦ୍ଧାର କରାଇ କିଛିଦିନ ପାନ୍ଥନିବାସ ଏବଂ ପରେ ସର୍କିଟ ହାଉସରେ ରହିବା ପାଇଁ ବ୍ୟବସ୍ଥା କରାଇଥିଲେ । ଗୁରୁବାର ଦିନ ପୋଲିସ ତରଫରୁ ଅଭିଯୁକ୍ତ ଟାକ୍ସି ଚାଳକ ସାଗର ମଲ୍ଲିକକୁ ଗିରଫ କରି ଆନଥୋନି ଙ୍କ ସମ୍ମୁଖରେ ଚିହ୍ନଟ କରାଇବା ସହିତ ଅଧିକ ତଦନ୍ତ ପାଇଁ ହିପାଜତ କୁ ପଠାଇଛି । ଏଥି ସହିତ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ସ୍ପୋର୍ଟ ଅଫିସର ଚନ୍ଦନ କୁମାର ସାହୁ ଆନଥୋନିଙ୍କୁ ସରକାରୀ ବ୍ୟବସ୍ଥା ସହିତ ଭୁବନେଶ୍ୱର ବିମାନ ବନ୍ଦରରୁ ବିମାନ ଯୋଗେ ପଠାଇଛନ୍ତି ।

# ସାମ୍ବାଦିକଙ୍କ ଲାଗି ଖୁସି ଖବର: ରାଉରକେଲା ଆପୋଲୋରେ ବୀମା ଚିକିତ୍ସା ସୁବିଧା ମିଳିବ

ରାଉରକେଲା, ୧୫/୩ (ନି.ପ୍ର): ରାଉରକେଲା ସମେତ ସମଗ୍ର ପଶ୍ଚିମ ଓଡିଶାରେ ରହୁଥିବା ସମସ୍ତ ସାମ୍ବାଦିକ ଯେଉଁମାନେ ରାଉରକେଲା ଉପରେ ଚିକିତ୍ସା ଲାଗି ନିର୍ଭର କରନ୍ତି ସେମାନେ ଖୁବ ଶିଘ୍ର ରାଜ୍ୟ ସରକାର ଦେଇଥିବା ସ୍ୱାସ୍ଥ୍ୟ ବୀମା କାର୍ଡ ମାଧ୍ୟମରେ ଆପୋଲୋ ରାଉରକେଲାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ ସୂତ୍ରରୁ ଜଣାପଡିଛି । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ଦେଇଥିବା ଓରିଏଂଟାଲ ବୀମା କଂପାନୀର ସହଯାଗୀ ମେଡିଆସିଷ୍ଟ ଦ୍ୱାରା ପଞ୍ଜିକୃତ ଡାକ୍ତରଖାନା ମାନେ ସାମ୍ବାଦିକ ମାନଙ୍କୁ ଓ ତାଙ୍କ ପରିବାରଙ୍କୁ ଏହି ସୁବିଧା ଦେଇ ଆସୁଥିଲେ, ତେବେ ରାଉରକେଲା ଆପୋଲୋରେ ଏହି ପଞ୍ଜିକରଣ ପ୍ରଥମରୁ କରାଯାଇନଥିଲା। ଫଳରେ ସାମ୍ବାଦିକ ମାନେ ପଇସା ଦେଇ ଚିକିତ୍ସା ହେଉଥିଲେ। ଇତି ମଧ୍ୟରେ ଏହି ସୁବିଧା ଲାଗି ଆପୋଲୋ ପକ୍ଷରୁ ଏହାର ସମସ୍ତ ଆବେଦନ କାମ ସାରି କାଗଜ ପତ୍ର କାମ ସାରିଥିବା ବେଳେ କେବଳ ରାଜିନାମା କାମ ବାକି ରହିଛି ବୋଲି ଏହି ଦାୟିତ୍ୱରେ ଆପୋଲୋ ରାଉରକେଲାରେ ଥିବା ଅଧିକାରୀ ବିଶ୍ୱଜିତ ବଳ ପ୍ରକାଶ କରିଛନ୍ତି । ଆଗାମୀ ଏକ ମାସ ଭିତରେ ଏ କାମ ସରିଗଲେ ଏପ୍ରିଲ ମାସରୁ ପ୍ରାୟ ଏହି ସୁବିଧା ସାମ୍ବାଦିକ ମାନେ ରାଉରକେଲା ଆପୋଲୋରେ ପାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଫଳରେ ପଶ୍ଚିମ ଓଡିଶାର ସାମ୍ବାଦିକ ମାନେ ଅଧିକ ଉପକୃତ ହୋଇପାରିବେ, ଖାଲି ସେତିକି ନୁହେଁ ଏହି ଆପୋଲୋରେ ବର୍ତ୍ତମାନ ଗୋଟାଏ ପରେ ଗୋଟାଏ ବୀମା କଂପାନୀ ସହ ରାଜିନାମା ସ୍ୱାକ୍ଷରିତ ହେବାରେ ଲାଗିଛି ଆଗାମୀ ଦିନରେ ଆହୁରି କିଛି ବୀମା କଂପାନୀ ଏଠାରେ ସାମିଲ ହେବେ, ଫଳରେ ଚିକିତ୍ସା ଜଗତରେ ସ୍ୱତନ୍ତ୍ରତା ହାସଲ କରିଥିବା ଆପୋଲୋରେ ଲୋକେ ରାଉରକେଲା ଆସି ଚିକିତ୍ସା ହୋପାରିବେ ଓ ବୀମାର ସୁବିଧା ନେଇପାରିବେ ।

# ଏହି ସବୁ ପରିବା ହୃଦ୍‌ରୋଗୀଙ୍କ ପାଇଁ ଖୁବ୍ ଭଲ: ଦୈନନ୍ଦିନ ଖାଦ୍ୟରେ ଏସବୁକୁ ସାମିଲ କରନ୍ତୁ



ହୃଦ୍‌ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । କେବଳ ବୟସ୍କ ନହଁନ୍ତି, ବରଂ ଯୁବ ବ୍ୟକ୍ତିଙ୍କ ଭିତରେ ବି ଏବେ ଏହି ରୋଗ ଦେଖିବାକୁ ମିଳୁଛି । ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ । ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା । ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା । ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ । ବିଲାତି ବାଇଗଣ ଖାଇବା ମଧ୍ୟ ଖୁବ୍ ଉପକାରୀ । ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ । ବ୍ରୋକୋଲି ଏକ ଖୁବ୍ ଭଲ ପରିବା । ଏଥିରେ ଥିବା ଭିଟାମିନ୍ ସି ହୃଦ୍‌ରୋଗ ଦମନ କରିବା ପାଇଁ ଯଥେଷ୍ଟ । ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ । ଏହା କେବଳ ହୃଦ୍‌ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ । ପିଆଜ ଓ ରସୁଣ ବି ହୃଦ୍‌ରୋଗୀଙ୍କ ପାଇଁ ଭଲ ହୋଇଥାଏ । ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ । ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି । ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍‌ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ ।

# ସ୍ୱାଦିଷ୍ଟ ଓ ସୁସ୍ଥକର; ନିତିଦିନ ଏହାକୁ ଖାଇଲେ ଓଜନ ବି ନିୟନ୍ତ୍ରଣରେ ରହେ

ମିଠା ଓ ଖଟାର ଫଳ ହେଉଛି ତେନ୍ତୁଳି । ବିଶ୍ୱ ସାରା ଲୋକେ ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟରେ ବ୍ୟବହାର କରିଥାନ୍ତି । କେବଳ ସ୍ୱାଦ ଦୃଷ୍ଟିରୁ ନୁହେଁ, ତେନ୍ତୁଳିର ଅନେକ ଉପକାରୀ ଗୁଣ ମଧ୍ୟ ରହିଛି । ଏହା ସ୍ୱାଦିଷ୍ଟ ହେବା ସହ ସୁସ୍ଥକର ମଧ୍ୟ । ଆପଣ ଏହାକୁ ତରକାରୀ, ଚଟଣିରେ ପକାଇ ଖାଆନ୍ତୁ କିମ୍ବା ସିଧାସଳଖ ଖାଇପାରନ୍ତି । ଏହାର ଅନେକ ଉପକାରୀ ଗୁଣ ରହିଛି ।
ତେନ୍ତୁଳି ଖାଇବା ଦ୍ୱାରା ଅତ୍ୟଧିକ ଚର୍ବି କମ୍ ହୋଇଥାଏ । ଓଜନ ହ୍ରାସ କରିବାକୁ ଚାହୁଁଥିଲେ ଏହାକୁ ଆପଣ ନିଜ ଖାଦ୍ୟରେ ସାମିଲ୍ କରିପାରିବେ । ନିତିଦିନ କିଛି କିଛି ତେନ୍ତୁଳି ଖାଇବା ଦ୍ୱାରା ଓଜନକୁ ଆୟ   ରେ ରଖାଯାଇ ପାରେ ।



- ଦୈନନ୍ଦିନ ତେନ୍ତୁଳି ଖାଇବା ଦ୍ୱାରା ରକ୍ତରେ ଶର୍କରା ଭାଗକୁ ନିୟନ୍ତ୍ରଣ କରାଯାଇପାରେ । ମଧୁମେହ ରୋଗୀଙ୍କ ପାଇଁ ତେନ୍ତୁଳି ଖାଇବା ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।
- ତେନ୍ତୁଳି ଖାଇବା ଦ୍ୱାରା ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । କୋଷ୍ଠକାଠିନ୍ୟ ଓ ଡାଇରିଆ ଆଦି ସମସ୍ୟା ପାଇଁ ମଧ୍ୟ ଏହା ଔଷଧ ପରି କାମ କରିଥାଏ ।
- ତେନ୍ତୁଳି ଖାଇଲେ ହୃତ୍‌ପିଣ୍ଡ ଭଲ ରହିଥାଏ । ହୃଦ୍‌ରୋଗୀମାନେ ଏହାକୁ ଖାଇଲେ ଭଲ । ଏହା ଶରୀରରେ କୋଲେଷ୍ଟ୍ରଲ୍ ସ୍ତରକୁ ନିୟନ୍ତ୍ରଣରେ ରଖେ ।
- ତେନ୍ତୁଳି ଯକୃତ ପାଇଁ ମଧ୍ୟ ଭଲ ହୋଇଥାଏ । ଏହାକୁ ଖାଇଲେ ଯକୃତ ସଂପର୍କିତ ରୋଗ ହେବାର ସମ୍ଭାବନା ଖୁବ୍ କମ୍ ।
- ବିଭିନ୍ନ ପ୍ରକାରର ଆଲର୍ଜିରୁ ଏହା ରକ୍ଷା କରେ । ଦୈନନ୍ଦିନ ତେନ୍ତୁଳି ଖାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଆଲର୍ଜି ସମସ୍ୟା ପ୍ରାୟତଃ ନଥାଏ ।
- ଆପଣ ତେନ୍ତୁଳି ରସକୁ ମଧ୍ୟ ପିଇପାରନ୍ତି । ଏହାର ବି ଖୁବ୍ ଭଲ ଗୁଣ ରହିଛି ।

# ପୂଜାରେ ଧୂପ କାଠି ଜଳାଇବା ସମୟରେ କରନ୍ତୁନି ଏହି ଭୁଲ: ନଚେତ୍ ଅଟକିଯିବ ବଂଶବୃଦ୍ଧି

*ଘର କିମ୍ବା ମନ୍ଦିରରେ ପୂଜା କରୁଥିବା ବେଳେ ଆମେ ସମସ୍ତେ ଧୂପ କିମ୍ବା କର୍ପୂର ପରି ଜିନିଷ ଜାଳିଥାଉ । ଆମେ ଏହା କିଛି ପରମ୍ପରା ଅନୁଯାୟୀ କରିଥାଉ କିମ୍ବା ସନାତନ ଧର୍ମରେ ଏ ବିଷୟରେ କୌଣସି ନିୟମ ଦିଆଯାଇଛି । ଆପଣ କେବେ ଭାବିଛନ୍ତି କି ଧୂପକାଠି ଜାଳିବାର ପ୍ରକୃତ କାରଣ କ'ଣ ହୋଇପାରେ ? ଅଗରବତୀକୁ ବାସ୍ତୁ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆଜି ଆମେ ଆପଣଙ୍କୁ ଏହି ବିଷୟରେ ସୂଚନା ଦେଉଛୁ ।*

**ଧୂପ କାଠି ଜଳାଇବାର ଫାଇଦା :**

ଜ୍ୟୋତିଷଙ୍କ ଅନୁଯାୟୀ କୌଣସି ଦେବତାଙ୍କ ପୂଜା ସମୟରେ ଧୂପକାଠି ଜାଳିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଧୂପ କାଠିର ସୁଗନ୍ଧ ସହିତ ପୁରା ଘର ଭଲ ଗନ୍ଧ କରିଥାଏ, ଯେଉଁ କାରଣରୁ ଘରେ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ । ଭଗବାନ ଓ ଦେବୀମାନେ ମଧ୍ୟ ଏହି ସୁଗନ୍ଧରେ ସନ୍ତୁଷ୍ଟ ଏବଂ ସେମାନେ ଆଗକୁ ବଢ଼ିବାକୁ ପରିବାରକୁ ଆଶୀର୍ବାଦ କରନ୍ତି । ଘରେ ଉପସ୍ଥିତ ଥିବା ମନ୍ଦ ଶକ୍ତି ଧୂପକାଠିର ସୁଗନ୍ଧରୁ ଦୂରେଇ ଯାଆନ୍ତି ।

**ବାୟୁରେ ଥିବା ଜୀବାଣୁ ନଷ୍ଟ ହୋଇଯାଏ :**

ଅଗରବତୀ ପାଇଁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯଦି ଆମେ ଘରର ଦକ୍ଷିଣ ଦିଗରେ ଧୂପକାଠି ଜାଳେ, ତେବେ ଏହାର ପ୍ରଭାବ ଅଧିକା ଏହା ଘରେ ଉପସ୍ଥିତ



ଥିବା ନକାରାତ୍ମକତାକୁ ଦୂର କରିଥାଏ । କେବଳ ଏତିକି ନୁହେଁ, ଧୂପକାଠିରୁ ବାହାରୁଥିବା ଧୂଆଁ ଦ୍ୱାରା ବାୟୁରେ ଉପସ୍ଥିତ ଥିବା ବିପଜ୍ଜନକ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଯେଉଁଥିପାଇଁ ଘରର ପରିବେଶ ଶୁଦ୍ଧ ହୋଇ ପରିବାର ସଦସ୍ୟଙ୍କୁ ରୋଗରୁ ରକ୍ଷା କରାଯାଇଥାଏ ।

**ଭୁଲରେ ମଧ୍ୟ ବାଉଁଶ ଧୂପ କାଠି ଜାଳନ୍ତୁ ନାହିଁ :**

ସନାତନ ଧର୍ମରେ ବାଉଁଶ ଗଛ ଶୁଭ ବୋଲି ବିବେଚନା କରାଯାଏ । ବିବାହ ପରି ଶୁଭ ଦିନରେ ମଣ୍ଡପ ତିଆରି କରିବା ପାଇଁ ବାଉଁଶ କାଠ ବ୍ୟବହୃତ ହୁଏ, କିନ୍ତୁ ଭୁଲରେ ମଧ୍ୟ ଆପଣ ବାଉଁଶ କାଠ ଧୂପ କାଠି ବ୍ୟବହାର କରିବା ଉଚିତ୍ ନୁହେଁ । ଏହା କରିବା ଅସମ୍ଭବ ବୋଲି ବିବେଚନା କରାଯାଏ ଏବଂ ପରିବାରକୁ ଏହାର ଖରାପ ପରିଣାମ ସହିବାକୁ ପଡିବ । ଏହା କରିବା ଦ୍ୱାରା, ବଂଶର ବୃଦ୍ଧି ବନ୍ଦ ହୋଇଯାଏ ଏବଂ ଘରେ ପିତୃ ଦୋଷ ଉତ୍ପନ୍ନ ହୁଏ ।

# ବିମାନ ଦୁର୍ଘଟଣା ପରେ କାହିଁକି ଖୋଜାଯାଏ ବ୍ଲାକ୍ ବକ୍ସ: ଜାଣନ୍ତୁ ଏହା ପଛରେ ଥିବା ପ୍ରକୃତ କାରଣ

ବେଳେବେଳେ କୌଣସି କାରଣ ବସତଃ ଆକାଶରେ ଉଡୁଥିବା ବିମାନ ହଠାତ ଦୁର୍ଘଟଣାର ଶିକାର ହୁଏ । ମଝି ଆକାଶରୁ ତଳକୁ ଖସି ପଡ଼େ କି ସେହି ମଝି ଆକାଶରେ ନିଆଁ ଲାଗି ବିସ୍ଫୋରଣ ହୋଇଯାଏ । ଯାହାଫଳ୍‌ରେ ବିମାନରେ ଥିବା ହଜାର ହଜାର ଲୋକଙ୍କ ଜୀବନ ମଧ୍ୟ ଚାଲିଯାଏ । ତେବେ ଏହି ବିସ୍ଫୋରଣ ପରେ ତଦନ୍ତକାରୀ ସଂସ୍ଥା ଉକ୍ତ ବିମାନର ବ୍ଲାକ ବକ୍ସକୁ ଖୋଜିବାକୁ ଲାଗନ୍ତି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟକର କଥା ସେହି ବ୍ଲାକ ବକ୍ସ ବିସ୍ଫୋରଣ ପରେ ମଧ୍ୟ ନଷ୍ଟ ହୋଇ ନଥାଏ । ତେବେ ତଦନ୍ତକାରୀ ଟିମ୍ ପ୍ରକୃତରେ କାହିଁକି ସେହି ବକ୍ସକୁ ଖୋଜେ ସେଥିରେ ଏମିତି କଣ ରହିଥାଏ । ଯିଏକି ଦୁର୍ଘଟଣାର ସବୁ ରହସ୍ୟକୁ ଖୋଲିଦିଏ । ଆଉ ଏହି ରହସ୍ୟ ଖୋଲୁଥିବା ବକ୍ସକୁ ବ୍ଲାକ ବକ୍ସ କଣ ପାଇଁ କୁହାଯାଏ । ତେବେ ଆମେ ଆଜି ଆପଣଙ୍କୁ ଏହି ବ୍ଲାକ ବକ୍ସ କଣ ଏବଂ ଏହାର ରହସ୍ୟ କଣ ଏହି ସମ୍ବନ୍ଧରେ ଜଣାଇବୁ । ବାସ୍ତବରେ ବ୍ଲାକ ବକ୍ସ ହେଉଛି ବିମାନ ମଧ୍ୟରେ ଥିବା ସବୁଠାରୁ ଗୁରୁତ୍ୱପୂଣ୍ଡ ଉପକରଣ । ବ୍ଲାକ୍ ବକ୍ସ ସବୁ ବିମାନରେ ରହିଥାଏ । ସେ ଯାତ୍ରୀ ବିମାନ ହେଉ କି ଯୁଦ୍ଧ ବିମାନ କି ବ୍ୟବସାୟୀକ ବିମାନ । ଏହି ଯନ୍ତ୍ର ବିମାନ ଉଡ଼ାଣର ସବୁ ଗତି ବିଧିକୁ ନିଜ ମଧ୍ୟରେ ରେକର୍ଡ କରି ରଖିଥାଏ । ଏହାକୁ ଫ୍ଲାଇଟ ଡାଟା ରେକର୍ଡ ମଧ୍ୟ କୁହାଯାଏ । ତେବେ ଏହି ବକ୍ସକୁ ସୁରକ୍ଷା ଦୃଷ୍ଟିରୁ ବିମାନର ଶେଷ ଭାଗରେ ରଖାଯାଇଥାଏ । କାରଣ ବିମାନଟି ଦୁର୍ଘଟଣା ଗ୍ରସ୍ତ ହେବା ପରେ ବିମାନର ଶେଷ ଭାଗର ଅଧିକ କ୍ଷତି ହୋଇନଥାଏ । ଏଥିସହିତ ଏହି ବକ୍ସଟି ବହୁତ ଶକ୍ତ ହୋଇଥାଏ । ଯାହାକି ଟାଇଟେନିୟମ ଧାତୁରେ ନିର୍ମାଣ ହୋଇଥାଏ । ତେଣୁ ଏହି ବ୍ଲାକ ବକ୍ସ ନିଆଁରେ ଜଳିଲେ କି ପାଣିରେ ପଡ଼ିଲେ ମଧ୍ୟ ଏଥିରେ ଥିବା ଡାଟାଗୁଡିକ ନଷ୍ଟ ହୋଇନଥାଏ । ଏତତ୍ ବ୍ୟତୀତ ଏହି ବ୍ଲାକ ବକ୍ସର ସବୁଠାରୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ୨ ମାସ ପର୍ଯ୍ୟନ୍ତ ଚାର୍ଜ ରହିପାରେ । ଯାହା ଦ୍ୱାରା ତଦନ୍ତକାରି ସଂସ୍ଥା ଫ୍ରିକ୍ୱେନ୍ସି ମାଧ୍ୟମରେ ଏହାକୁ ଖୋଜି ପାଇଥାନ୍ତି । ତେବେ ଏହି ବକ୍ସ ୧୧ ହାଜାର ଡିଗ୍ରି ସେଲସିୟସ ତାପମାତ୍ରାରେ ବି କିଛି କ୍ଷତି ହୋଇନଥାଏ । ଏହାର ରଙ୍ଗ ଲାଲ ହୋଇଥିବାର ଏହାକୁ ଖୋଜିବାରେ ସୁବିଧା ମଧ୍ୟ ହୋଇଥାଏ । ତେବେ ଦୁର୍ଘଟଣା ପୂର୍ବରୁ ୨ ଘଣ୍ଟା ପର୍ଯ୍ୟନ୍ତ ଭଏସ ରେକର୍ଡ କରି ରଖିଥାଏ । ଯେଉଁଥିରୁ ଜଣାପଡ଼ିଯାଏ ବିମାନର ମାହୋଲ କେମିତିଥିଲା । ତେବେ ବିମାନ ଦୁର୍ଘଟଣା ବିଷୟରେ ଜାଣିବା ପାଇଁ ବିମାନରେ ଏହି ବ୍ଲାକ୍ ବକ୍ସକୁ ଲଗାଯାଇଥାଏ । କାରଣ ଦୁର୍ଘଟଣାର ୨ ଘଣ୍ଟା ପୂର୍ବର ଏହି ବକ୍ସ ସବୁ ତଥ୍ୟକୁ ରେକର୍ଡ କରି ରଖିଥାଏ । ଯାହାଫଳରେ ଦୁର୍ଘଟଣା ପରେ ଏହି ବ୍ଲାକ୍ ବକ୍ସକୁ ଖୋଜି ଦୁର୍ଘଟଣାର ପ୍ରକୃତ କାରଣ ଯାଣିବାକୁ ପାଆନ୍ତି । ଦୁର୍ଘଟଣା କିପରି ଘଟିଲା , ଦୁର୍ଘଟଣା ସମୟରେ ବିମାନର ଉଚ୍ଚତା କେତେ ଥିଲା, ବେଗ, ଇନ୍ଧନ ସବୁ କିଛି ରେକର୍ଡ ହୋଇରହିଥାଏ । ତେବେ ୨୫ ଘଣ୍ଟାରୁ ଅଧିକ ସମୟ ଏଥିରେ ରେକର୍ଡ ହୋଇପାରିବ । ଯଦ ଇତିହାସକୁ ଦେଖିବା ତେବେ ଏହି ବ୍ଲାକ ବକ୍ସ ୫୦ ବର୍ଷରୁ ଅଧିକ ପୁରୁଣା ହେବ । ଯେତେବେଳେ ଅଧିକ ବିମାନ ଦୁର୍ଘଟଣା ହେଲା ସେତେବେଳେ ବୈଜ୍ଞାନିକ ମାନେ ଏହାକୁ ଲଗାଇବା ପାଇଁ ଚିନ୍ତା କଲେ । ତେଣୁ ୧୯୫୩ରୁ ୫୪ ମଧ୍ୟରେ ଆଲୋଚନା କରାଯାଇ ଏହାକୁ ବିମାନରେ ଲଗାଯାଇଥିଲା । ତେବେ ଏହା ଲାଲ ରଙ୍ଗ ଭଳି ଦେଖାଯାଉଥିବାରୁ ଏହାକୁ ରେଡ ଏଗ୍ କୁହାଯାଉଥିଲା । କିନ୍ତୁ ଏହାର ଭିତର ରଙ୍ଗ କଳା ଥିବାରୁ ଏହାକୁ ବ୍ଲାକ ବକ୍ସ କୁହାଯାଏ ।




# ଅଜବ ଦୁନିଆ

## ଯେଉଁଠାରେ ମହିଳାଙ୍କୁ ପୁରୁଷଙ୍କଠାରୁ ମାଡ଼ ଖାଇବା ରହିଛି ପରମ୍ପରା

ବିଶ୍ୱର ବିଭିନ୍ନ ସ୍ଥାନରେ ଆଜି ବି ଅଜବଗଜବ ପରମ୍ପରା ରହିଛି । ବିଜ୍ଞାନ ଯେତେ ଆଗକୁ ଦୌଡୁଥିଲେ ମଧ୍ୟ ପରମ୍ପରା ଉପରେ କୌଣସି ପ୍ରଭାବ ପକାଇପାରିନି । ଯେତେବେଳେକି ଲୋକେ ଚନ୍ଦ୍ରରେ ଘର କରିବାକୁ ପ୍ରସ୍ତୁତ ହେଲେଣି, ସେହି ପିଢ଼ିରେ କିଛି ଲୋକ ପରମ୍ପରା ନାଁରେ ବିବାହ ପାଇଁ ରକ୍ତାକ୍ତ ହେଉଛନ୍ତି ତ ଆଉ କେଉଁଠି ପୁରୁଷତ୍ୱ ପ୍ରମାଣ କରିବାକୁ ପଶୁର ରକ୍ତ ମଧ୍ୟ ପିଉଛନ୍ତି । ଆଜି ଆମେ ଏପରି ଆଫ୍ରିକାନ ଜନଜାତି ବାବଦରେ କହିବୁ, ଯେଉଁଠାରେ ମହିଳାମାନେ ନିର୍ଦ୍ଦୟ ଭାବେ ମାଡ଼ ଖାଇଥାନ୍ତି । ତଥାପି ସେମାନେ ଏହାକୁ ସେମାନଙ୍କର ଗର୍ବ ବୋଲି ଭାବନ୍ତି ।

ହେମର ଟ୍ରାଇବର ଲୋକଙ୍କ ମଧ୍ୟରେ ଥିବା ଅଜବଗଜବ ପରମ୍ପରା ମଧ୍ୟରୁ ଏକ ପରମ୍ପରା ହେଉଛି ଉକୁଲି ତୁଲା । ଏହି ପରମ୍ପରା ଅନୁସାରେ ବିବାହର ବୟସ ହେବା ପରେ ପୁରୁଷ ଓ ମହିଳାଙ୍କୁ ଏହାର ପ୍ରମାଣ ଦେବାକୁ ପଡ଼ିଥାଏ । ଏଥିରେ ମହିଳାଙ୍କୁ ଖୁବ୍ ମାଡ଼ ମଧ୍ୟ ମରାଯାଇଥାଏ । ଯେମିତିକି ପୁଅମାନେ ପଶୁଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେଲେ ବିବାହ କରିପାରିବେ ନାହିଁ । ସେହିଭଳି ଯେଉଁ ମହିଳାଙ୍କୁ ଚାପୁଡ଼ା ମରାଯାଏ, ଆଉ ସେ ଯଦି କାନ୍ଦନ୍ତି ତେବେ ସେ ବିବାହ କରିପାରିବେ ନାହିଁ । ଆସନ୍ତୁ ଏହି ଅଜବ ପ୍ରଥା ବିଷୟରେ ଅଧିକ ଜାଣିବା । ବିବାହ ପାଇଁ ଯେଉଁ ମହିଳାଙ୍କୁ ଡକାଯାଇଥାଏ, ତାଙ୍କୁ ମାଡ଼ ମାରିବା ପାଇଁ ଏକ ଗ୍ରୁପ ଆସିଥାନ୍ତି । ଯାହାକୁ ମାଜା କୁହାଯାଏ । ସେମାନେ ସେହି ମହିଳାଙ୍କୁ ଠେଙ୍ଗାରେ ମାଡ଼ ମାରିବା ଆରମ୍ଭ କରିଥାନ୍ତି । ଏହି ସମୟରେ ସେମାନେ କଷ୍ଟରେ କାନ୍ଦି ପାରିବେ ନାହିଁ କି ସେଠାରୁ ଦୌଡ଼ି ଯାଇପାରିବେ ନାହିଁ । ମହିଳାମାନେ ଏହି ମାଡ଼କୁ ସହ୍ୟ କରିଥାନ୍ତି । ଯେଉଁ ମହିଳାଙ୍କୁ ମାଡ଼ ମରାଯାଏ ନାହିଁ, ସେ ମାଡ଼ ଖାଇବାକୁ ଭିକ ମାଗିଥାନ୍ତ ।

ଏହି ପ୍ରକ୍ରିୟାରେ ଯେଉଁ ମହିଳାଙ୍କୁ ଅଧିକ ମାଡ଼ ମରାଯାଇଥାଏ ଏବଂ ସେ ଏହାକୁ ସହ୍ୟ କରିଥାନ୍ତି, ତାଙ୍କୁ ଆଗ ବିବାହ କରାଇ ଦିଆଯାଏ । ଯଦି ଆପଣ ଭାବୁଥିବେ ଏତେ ମାଡ଼ ପରେ ଜୀବନରେ ସୁଖ ରହିଛି । ତେବେ ଏହା ଭୁଲ ଭାବୁଛନ୍ତି । ଯେତେବେଳେ ଯାଏ ମହିଳା ଦୁଇଟି ସନ୍ତାନ ଜନ୍ମ ଦେଇନାହାନ୍ତି ସେ ଯାଏ ପରମ୍ପରା ନାଁରେ ଖୁବ୍ ମାଡ଼ ମରାଯାଇଥାଏ । ସବୁଠୁ ବଡ଼ କଥା ହେଉଛି କୌଣସି କାରଣ ନଥାଇ ପୁରୁଷ ମହିଳାଙ୍କୁ ମାଡ଼ ମାରିଥାନ୍ତି । ମହିଳାଙ୍କ ପିଠିରେ ମାଡ଼ର ଦାଗକୁ ସେମାନେ ଗର୍ବ ବୋଲି ଭାବନ୍ତି । ଏହି ଜନଜାତିରେ ପୁରୁଷଙ୍କୁ ଦ୍ୱିତୀୟ ବିବାହ ପାଇଁ ମଧ୍ୟ ଅନୁମତି ରହିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୀତି ବିଜୁଳିର ଖେଳ...

କଥାଟିଏ ଅଛି– କେବେ ନାଆ ଉପରେ ଗାଡ଼ି ତ ଆଉ କେବେ ଗାଡ଼ି ଉପରେ ନାଆ। ଅର୍ଥାତ୍ ପରିବର୍ତ୍ତନଶୀଳ ଦୁନିଆରେ କେହି ନିଜକୁ ସବୁବେଳେ ଗୋଟିଏ ସ୍ଥିତିରେ ଦେଖିବାକୁ ପାଇବାର ସମ୍ଭାବନା କ୍ଷୀଣ। ଏଇ ନିୟମଟି ମଧ୍ୟ ରାଜନୀତି କ୍ଷେତ୍ରରେ ସମାନ ଭାବରେ ପ୍ରଯୁଜ୍ୟ। କେତେବେଳେ ଯେ ବିଜୁଳିର ଚମକ ଭଳି କାହାର ପରିସ୍ଥିତି ବଦଳି ଯିବ, ତାହା କହିବା ସହଜ ନୁହେଁ । କହିବାର ତାତ୍ପର୍ଯ୍ୟ– ନିକଟରେ ହରିୟାନା ଠିକ୍ ଏମିତି ବିଜୁଳିର ଚମକ ପରେ ହଠାତ୍ ପାଣିପାଗ ବଦଳି ଗଲା ପରି ରାଜନୀତି ପାଣିପାଗରେ ପରିବର୍ତ୍ତନକୁ ପ୍ରତ୍ୟକ୍ଷ କରିଛି। ଦ୍ୱାରକା ଏକ୍ସପ୍ରେସ୍ ୱେର ଉଦ୍‌ଘାଟନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିୟାନାର ମୁଖ୍ୟମନ୍ତ୍ରୀ ଥିବା ମନୋହର ଲାଲ ଖଟ୍ଟରଙ୍କୁ ପ୍ରଶଂସାରେ ପୋତି ପକାଇବାର ଦିନକ ପରେ ହଠାତ୍ ଶ୍ରୀଯୁକ୍ତ ଖଟ୍ଟର ନିଜକୁ ମୁଖ୍ୟମନ୍ତ୍ରୀ ଆସନରୁ ବଞ୍ଚିତ ହୋଇଥିବା ଦେଖିବାକୁ ପାଇଛନ୍ତି। ତାଙ୍କ ସ୍ଥାନ ନେଇଛନ୍ତି ନାୟାବ ସିଂହ ସୈନି । କେବଳ ଏତିକି ନୁହେଁ, ତାଙ୍କ ସହିତ ମଧ୍ୟ ଦୁଷ୍ୟନ୍ତ ଚୌତାଲାଙ୍କ ଜନନାୟକ ଜନତା ପାର୍ଟି (ଜେଜେପି), ଯେଉଁ ଦଳ ୨୦୧୯ ବିଧାନସଭା ନିର୍ବାଚନରେ ୧୦ଟି ଆସନରେ ବିଜୟୀ ହୋଇ ୯୦ ସଦସ୍ୟବିଶିଷ୍ଟ ବିଧାନସଭାରେ ବିଜେପିକୁ ଶାସନ କ୍ଷମତାକୁ ଆସିବା ପାଇଁ ତ୍ରାଣକର୍ତ୍ତା ସାଜି ସଂଖ୍ୟାଗରିଷ୍ଠତାର ଅଭାବରୁ ବିଜେପିକୁ ରକ୍ଷା କରିଥିଲା, ତା'ର ହାତ ମଧ୍ୟ ଛାଡ଼ିଛି ବିଜେପି। ସବୁଠୁ ବଡ଼କଥା ହେଲା, ବିଜେପି ଏହାର ହାତ ଛାଡ଼ିବା ସଙ୍ଗେ ସଙ୍ଗେ ତା'ର ଏଇ ମିତ୍ର ଦଳକୁ ଦୁର୍ବଳ ମଧ୍ୟ କରି ଦେଇଛି: ଶୁଣିବାକୁ ମିଳୁଛି ଯେ କେତେ ଜଣ ଜେଜେପି ବିଧାୟକ ଗୈରିକ ବସନ ଧାରଣ କରିବାକୁ ଯାଉଛନ୍ତି, ଅର୍ଥାତ୍ ସରଳ ଭାବରେ ବିଜେପିରେ ଯୋଗ ଦେବାକୁ ଯାଉଛନ୍ତି। ଏ ସବୁକିଛି ଅବଶ୍ୟ ଆଗାମୀ ନିର୍ବାଚନ- ଲୋକସଭା ତଥା ଏଇ ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କରାଯାଇଛି । ଏକଥା ସମସ୍ତେ ଜାଣନ୍ତି ଯେ ବିଜେପି ଯେ କୌଣସି ଘଟଣାରେ ହଠାତ୍ ଚମକାଇ ଦେବା ଭଳି ଅଦଳବଦଳ କରି ରାଜନୀତି ଅଙ୍କର ପରିଣତି ଭଲ କରିବାକୁ ଆଗେଇ ଆସିଥାଏ । ଆଉ ସେଇ କ୍ରମରେ ଏବେ ହରିୟାନା। ବିଜେପି ହିସାବ କରି ଦେଖୁଛି ଯେ ଚଳିତ ବର୍ଷ ଉତ୍ତରାର୍ଦ୍ଧରେ ଏହି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଲଗାତର ଦୁଇଥର ଶାସନ କ୍ଷମତାରେ ରହି କିଛି ପରିମାଣରେ ସରକାର- ବିରୋଧୀ ହାୱାର ଶିକାର ହେବା ଆଶା କରୁଛି । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ରାଜ୍ୟର ୧୦ଟିଯାକ ଲୋକସଭା ଆସନରେ ବିଜୟ ଲାଭ କରିବାକୁ ବିଜେପିକୁ ଗତିଶୀଳତା ପ୍ରଦାନ କରିବ, ଯେମିତି କରିଥିଲା ୨୦୧୯ ଲୋକସଭା ନିର୍ବାଚନରେ ୫୮ ପ୍ରତିଶତ ଭୋଟ୍ ହାର ସହିତ। ସଂଯୋଗକ୍ରମେ କେବଳ ଏଇ କାରଣରୁ ବିଜେପି ପଦବୀରେ ଥିବା ମୁଖ୍ୟମନ୍ତ୍ରୀମାନଙ୍କୁ ପରିବର୍ତ୍ତନ କରିବାରେ କୁଣ୍ଠା ପ୍ରକାଶ କରି ନଥାଏ। ବରଂ ପ୍ରକୃତ ଗଣିତ ଲୁଚି ରହିଥାଏ ସାମାଜିକ ଅବସ୍ଥାର ପରିଚାଳନା କରିବାର ବାଧ୍ୟବାଧକତା ଭିତରେ। ଶ୍ରୀଯୁକ୍ତ ସୈନିଙ୍କ ମୁଖ୍ୟମନ୍ତ୍ରୀ ପଦକୁ ଉନ୍ନୀତ ହେବା ବାସ୍ତବରେ ଅନ୍ୟାନ୍ୟ ପଛୁଆ ବର୍ଗ ଓ ଜାଟ୍ ସମ୍ପ୍ରଦାୟର ସମର୍ଥନ ପାଇବା ଲକ୍ଷ୍ୟରେ କରାଯାଇଛି । ବିଜେପି ପାଇଁ ଏହା ଏକ ଜରୁରୀ ଆବଶ୍ୟକତା ହୋଇ ପଡ଼ିଛି, କାରଣ ଜାମାନେ ଅନେକ ସଂଖ୍ୟକ ପ୍ରସଙ୍ଗକୁ ନେଇ ବିଜେପିଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି। କୃଷକମାନଙ୍କ ପ୍ରତିବାଦ ପ୍ରତି ଶ୍ରୀଯୁକ୍ତ ମୋଦୀଙ୍କ ଉଦାସୀନତା ଏବଂ ମହିଳା କୃଷ୍ଟ ଯୋଦ୍ଧାମାନଙ୍କ ପ୍ରତି ଯୌନ ନିର୍ଯାତନା ଅଭିଯୋଗର ଅସମ୍ବେଦନଶୀଳ ପରିଚାଳନା ଭଳି ପ୍ରସଙ୍ଗଗୁଡ଼ିକ ରହିଛି, ଯେଉଁଗୁଡ଼ିକ ଜାମାନଙ୍କୁ ବିଜେପିଠାରୁ ମୁହଁ ଫେରାଇ ନେବାକୁ ବାଧ୍ୟ କରିଛି । କିନ୍ତୁ ରାଜ୍ୟରେ ସେମାନଙ୍କର ନିର୍ବାଚନୀ ଉପସ୍ଥିତି ଏକ ଭଲ ସଂଖ୍ୟାର। ବିଜେପି ଭାବୁଛି ଯେ ଓବିସିମାନଙ୍କର ଓଲଟା ଚାଲ୍ ଚଳେଇଲେ ଏସବୁ ଅସୁବିଧାକୁ ଅନ୍ତତଃ ପ୍ରଶମିତ କରାଯାଇ ପାରିବ । ଗୁଜରାଟ, ତ୍ରିପୁରା ଏବଂ ଉତ୍ତରାଖଣ୍ଡରେ ଏହା ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିଥିବା ବେଳେ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ଏହା ପୁରୁଣା ମୁହଁମାନଙ୍କୁ ଉପସ୍ଥାପିତ କରିବାକୁ ପସନ୍ଦ କରି ନଥିଲା । ଏସବୁ ଭିତରେ ଜେଜେପିର ଭାଗ୍ୟ, ଯାହା ସର୍ବ ସମ୍ମୁଖରେ ପୁଣିଥରେ ପ୍ରଦର୍ଶନ କରିଛି, ତାହା ହେଉଛି- ବିଜେପିର ଏହାର ମିତ୍ର ଦଳମାନଙ୍କ ପ୍ରତି ଆତ୍ମ-କୈନ୍ଦ୍ରିକ କୁଟିଳ ବ୍ୟବହାର। ଭାରତୀୟ ରାଜନୀତିରେ ସାମ୍ପ୍ରତିକ ସମୟରେ ବିଜେପି କ୍ଷେତ୍ରରେ ଏହା ଅନେକତ୍ର ପରିଲକ୍ଷିତ ହୋଇ ଆସିଛି- ଉଦାହରଣ ସ୍ୱରୂପ, ଶିବସେନା, ଶିରୋମଣି ଅକାଳୀ ଦଳ, କାଶ୍ମୀରରେ ପିପଲସ୍ ଡେମୋକ୍ରାଟିକ୍ ପାର୍ଟି ଏବଂ ଏମିତିକି ନୀତୀଶ କୁମାରଙ୍କ ଜନତା ଦଳ (ସଂଯୁକ୍ତ) କ୍ଷେତ୍ରରେ- ଯେଉଁମାନେ ସମସ୍ତେ ବିଜେପି ସହିତ ମେଣ୍ଟ କରିବା ପରେ ସେମାନଙ୍କ ସଂଖ୍ୟାରେ ହ୍ରାସ ଘଟିବାକୁ ଦେଖୁଛନ୍ତି । ତଥାପି କ୍ଷମତାର ବିକୃତ ଚୁମ୍ବକୀୟ ଶକ୍ତି ଏତେ ଯେ ମେଣ୍ଟ କରିବା ପାଇଁ ଅନ୍ୟ ରାଜନୀତିକ ଦଳମାନଙ୍କ ଆଡ଼କୁ ବିଜେପିର ହାତ ବଢ଼ାଇବା ଏବେ ବି ଏହା ପାଇଁ ଅନୁକୂଳ ପ୍ରତିକ୍ରିୟା ବହନ କରି ଆଣୁଛି । ଏ କ୍ଷେତ୍ରରେ ଆନ୍ଧ୍ରପ୍ରଦେଶର ତେଲୁଗୁ ଦେଶମ୍ ପାର୍ଟି ଏକ ପ୍ରକୃଷ୍ଟ ଉଦାହରଣ । ଓଡ଼ିଶାରେ ବିଜୁ ଜନତା ଦଳ (ବିଜେଡି), ପଞ୍ଜାବରେ ଅକାଳୀ ଦଳ ଏବଂ ବିହାରରେ ଜେଡି (ୟୁ) ମଧ୍ୟ ଏହାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନାହାନ୍ତି। ତେବେ ଭବିଷ୍ୟତରେ ବିଜେପି ଏମାନଙ୍କର ଡେଣାଗୁଡ଼ିକୁ କାଟିବାରୁ କେତେଦୂର ନିଜକୁ ଦୂରେଇ ରଖିବ, ତାହା ଦେଖିବାକୁ ବାକି ରହିଛି।

## ଜଗନ୍ନାଥଙ୍କ ସହ ଦିନଟିଏ



### ଅନୀତା ପଟ୍ଟନାୟକ

ପଦ୍ମପାଦ ପଚାରିଲା ଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା କାହିଁକି ? ଏତେ ପର୍ବପର୍ବାଣୀ ଏତେ ଶୁଭଦିନ ଏତେ ଓଷାବ୍ରତ, ରୀତିନୀତି, ରଥଯାତ୍ରା କାହିଁକି କରାଯାଏ ? ମୁଁ କହିଲି ତୋର ଭଉଣୀ ଶୁଭଶ୍ରୀର ବାହାଘର ବେଳେ ନିମନ୍ତ୍ରଣ ପଠାଯାଇଥିଲା। ବାଜା ବଜା ଯାଇଥିଲା ସୁନ୍ଦର ସଜା ଯାଇଥିଲା। ଅତିଥି ମାନଙ୍କୁ ଭୋଜନ ଦିଆଯାଇଥିଲା। ଏସବୁ କରାଯାଇଥିଲା କାରଣ ବରକନ୍ୟାଙ୍କ ବିବାହରେ ବହୁ ସାକ୍ଷୀ ସଂଗ୍ରହ କରାଯାଇଥାଏ। ସେହିପରି ପର୍ବପର୍ବାଣୀ ପ୍ରଭୃତି ଆତ୍ମା ସହ ପରମାତ୍ମାଙ୍କର ଏକ ବିବାହ ଉତ୍ସବ ସଦୃଶ ଯେଉଁଥିରେ କି ତାଙ୍କର ଆଶୀର୍ବାଦ ଲାଭ କରିବା ସମ୍ଭବ ହୋଇଥାଏ।

ପଦ୍ମପାଦ ମୋର ଗୋଟିଏ ଅବୋଧ ଶିଶୁ ଥିଲା। ସେ ମୋ ସହିତ ଜୁଆଡ଼େ ବୁଲିଗଲେ ଭାରି ଖୁସି ହୁଏ। ତାର ଅସୁମାରି ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ମୋ ଉପରେ ନିର୍ଭର କରୁଥିଲା। ମୁଁ ମଧ ତାର କୌତୁହଳ ଜିଜ୍ଞାସାଭାବକୁ କେବେ ଅବଜ୍ଞା କରୁନଥିଲି। ଥରେ ମୁଁ ଓ ପଦ୍ମପାଦ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଗଲୁ। ସେ ଲୋକମାନେ ପ୍ରାର୍ଥନା କରୁଥିବା ଦେଖି ଅଭିଭୁତ ହୋଇ ପଡୁଥିଲା। ସେ ମୋତେ କହିଲା ମା ପ୍ରାର୍ଥନା କ'ଣ ଜଗନ୍ନାଥଙ୍କ ନିକଟରେ ଜଣେ ଭକ୍ତକୁ 'ଦୀନ ଆବେଦନକାରୀ' କରିଦିଏ ? ପଦ୍ମପାଦ ଦେଖିଲା ମନ୍ଦିର ଭିତରେ କିଛି କିଛି ଲୋକ ଆଖିବୁଜି ଧ୍ୟାନ କରୁଛନ୍ତି। ସେ ମତେ ପଚାରିଲା 'ଧ୍ୟାନ କ'ଣ ଜଗନ୍ନାଥଙ୍କୁ ଆମ ନିକଟକୁ ଟାଣି ଆଣି ତାଙ୍କ ସ୍ତରକୁ ଉତ୍ଥିତ କରିବାକୁ ପ୍ରବର୍ତ୍ତାଏ। ଧ୍ୟାନ ଦ୍ୱାରା ଜଗନ୍ନାଥ କ'ଣ ଭକ୍ତଙ୍କ ସହ ଏକତ୍ରିତ ହୁଅନ୍ତି।

ମୁଁ ଉତ୍ତରରେ ପଦ୍ମପାଦକୁ ବୁଝାଇ କହିଥିଲି ଆମର ସମସ୍ତ ଆବେଦନ ଜଗନ୍ନାଥଙ୍କ ପାଦପଦ୍ମେ କରିବା ଉଚିତ। ସେ ଜାଣନ୍ତି ଆମ ପାଇଁ କଣ ଉଚିତ ବା ଅନୁଚିତ ସେହି ଅନୁଯାୟୀ ଆମର ଆବେଦନ ଗୁଡ଼ିକୁ ପରଖି ପ୍ରେମର ସହିତ ତାହା ପ୍ରଦାନ କରିଥାନ୍ତି। ପଦ୍ମପାଦ କହିଲା ଆମ ଘରେ କାନ୍ଥରେ ଜଗନ୍ନାଥଙ୍କ ଫଟୋ ଟଙ୍ଗା ଯାଇଛି। ମୋର ଅନେକ ସାଙ୍ଗଙ୍କ ଘରେ ମଧ୍ୟ ମୁଁ ଜଗନ୍ନାଥଙ୍କ ଫଟୋ ଟଙ୍ଗା ଯାଇଥିବା ଦେଖିଛି। ଜଗନ୍ନାଥଙ୍କ ଫଟୋକୁ କାହିଁକି ଟଙ୍ଗାହୁଏ। ମୁଁ ତାକୁ କହିଲି ତୁମେ ଧ୍ୟାନ କଲେ ଜଗନ୍ନାଥ ତୁମ ନିକଟକୁ ଟାଣି ହୋଇ ଆସିବେ। ଗୋଟିଏ ଛାପାଖାନାରେ କାଗଜ ଉପରେ ଛପାଯାଇଥିବା ଛବିଟିକୁ ଯେମିତି କାଗଜରୁ ଅଲଗା କରିହୁଏ ନାହିଁ ସେହିପରି ଜଗନ୍ନାଥଙ୍କ ଛବିଟି ତୋ ହୃଦୟରେ ଆଙ୍କି ହୋଇଗଲେ ତାକୁ ହୃଦୟରୁ ଅଲଗା କରି ହେବନାହିଁ। ମୁଁ ଭାବୁଛି ବୋଧହୁଏ ଏହି ଉଦ୍ଦେଶ୍ୟ ରଖି ଭକ୍ତମାନେ ଜଗନ୍ନାଥଙ୍କ ଛବିକୁ ନିଜ ନିଜ ଘରେ ଟାଙ୍ଗି ଥାନ୍ତି।

ପଦ୍ମପାଦ ପଚାରିଲା ଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା କାହିଁକି ? ଏତେ ପର୍ବପର୍ବାଣୀ ଏତେ ଶୁଭଦିନ ଏତେ ଓଷାବ୍ରତ, ରୀତିନୀତି, ରଥଯାତ୍ରା କାହିଁକି କରାଯାଏ ? ମୁଁ କହିଲି ତୋର ଭଉଣୀ ଶୁଭଶ୍ରୀର ବାହାଘର ବେଳେ ନିମନ୍ତ୍ରଣ ପଠାଯାଇଥିଲା। ବାଜା ବଜା ଯାଇଥିଲା ସୁନ୍ଦର ସଜା ଯାଇଥିଲା। ଅତିଥି ମାନଙ୍କୁ ଭୋଜନ ଦିଆଯାଇଥିଲା। ଏସବୁ କରାଯାଇଥିଲା କାରଣ ବରକନ୍ୟାଙ୍କ ବିବାହରେ ବହୁ ସାକ୍ଷୀ ସଂଗ୍ରହ କରାଯାଇଥାଏ। ସେହିପରି ପର୍ବପର୍ବାଣୀ ପ୍ରଭୃତି ଆତ୍ମା ସହ ପରମାତ୍ମାଙ୍କର ଏକ ବିବାହ ଉତ୍ସବ ସଦୃଶ ଯେଉଁଥିରେ କି ତାଙ୍କର ଆଶୀର୍ବାଦ ଲାଭ କରିବା ସମ୍ଭବ ହୋଇଥାଏ। ଉତ୍ସବ ଗୁଡ଼ିକର ମୂଳନୀତି ଅତି ସରଳ। ଏଥିରେ ଆତ୍ମା ଜାଣିବ ସେ ହିଁ ପରମାତ୍ମା ମାୟାଧୀନ ହୋଇ ଭକ୍ତ ଭାବେ ସେ ଭଗବାନଙ୍କ ଠାରୁ ଅଲଗା କିନ୍ତୁ ପ୍ରକୃତରେ ସବୁ ଏକ ତାହା ହିଁ ସମ + ଧି ଅବସ୍ଥା। ବା ସବୁ ସମାନ। ଏହା ଚେତନାର ସମଦୃଷ୍ଟି।

ତୁମେ ଆମ ଘର କାନ୍ଥରେ ଟଙ୍ଗା ହୋଇଥିବା ଜଗନ୍ନାଥଙ୍କ ଫଟୋ ନିକଟରେ ସବୁବେଳେ ପ୍ରାର୍ଥନା କରୁଛ ଯେ ଜଗନ୍ନାଥ ତୁମ ଦୁଃଖ ଜାଣୁ ନାହାଁନ୍ତି, କିନ୍ତୁ ତୁମେ କେବେ ଫଟୋ ନିକଟରେ ପ୍ରାର୍ଥନା କରିଛ କି ତୁମେ କରୁଥିବା ଭୁଲ ଗୁଡ଼ିକ ସେ କାହିଁକି ଜାଣୁ ନାହାଁନ୍ତି ? ସେ ଗୁଡ଼ିକ ତାଙ୍କ ପାଖରେ କାହିଁକି ଲୁଚାଇବାକୁ ଚାହିଁ ଥାଅ। ଜଗନ୍ନାଥଙ୍କ ଫଟୋ କାନ୍ଥରେ ସଜାଯାଇ ଯଦି ଫଟୋରେ ଉଇ ଧରିଯାଏ ତାହା ଯେପରି ଧୀରେ ଧୀରେ ଭାଙ୍ଗି ଖସିପଡ଼େ ସେହିପରି ତୁମେ କରୁଥିବା ଭୁଲ ଗୁଡ଼ିକୁ ଯଦି ଫଟୋ ପାଖରେ ଲୁଚାଇବାକୁ ଚେଷ୍ଟା କର, ତେବେ ଜଗନ୍ନାଥ ତୁମକୁ ଆଶୀର୍ବାଦ କରିପାରିବେ ନାହିଁ। ତେଣୁ ଭିତରକୁ ଟାଣ କରିବା ଦରକାର। ବାହାରର ଚାକଚକ୍ୟ ଦରକାର ନାହିଁ।

ପଦ୍ମପାଦ ପଚାରିଲା ଯଦି ଜଗନ୍ନାଥ ପରମାତ୍ମା ଓ ଆମେ ଆତ୍ମା ଆମେ ଏହା ବୁଝି ପାରୁନୁ କାହିଁକି ? ମୁଁ ତାକୁ କହିଲି ଯେଉଁ ଦିନ ତୁ ବାପାଙ୍କ ସହ ନନ୍ଦନକାନନ ବୁଲି ଯାଇଥିଲୁ ବାପା କହିଥିଲେ ସେ ଦିନ ତୁ ବନ୍ୟଜନ୍ତୁ ସଂରକ୍ଷିତ ଅରଣ୍ୟ ଭିତରକୁ ଯାଇ ହାତୀ ପିଠିରେ ବସି କୁଆଡ଼େ ହାତୀ ଖୋଜୁଥିଲୁ। ସେହିପରି ପଥଭ୍ରଷ୍ଟ ମନୁଷ୍ୟ ନିଜେ ଭଗବାନ ହୋଇ ଭଗବାନଙ୍କ ଚିତ୍ରକୁ ନିଜ ହୃଦୟରେ ନ ଆଙ୍କି ଚାରିଆଡ଼େ ଭଗବାନଙ୍କୁ ଖୋଜିବୁଲେ। ଆଜି ଏକ ସୁନ୍ଦର ଦିନ ମଙ୍ଗଳବାର। ପଦ୍ମପାଦ ପଚାରିଲା ଏ ଦିବସର ନାମ ଏପରି କାହିଁକି ରଖାଯାଇଛି ମୁଁ କହିଲି କାରଣ ଏହି ଦିନ ହନୁମାନ ସୀତାଙ୍କୁ ଭେଟି ତାଙ୍କୁ ଉଦ୍ଧାର କରିବାକୁ ରାମ ଆସୁଛନ୍ତି ବୋଲି ଏହି ମଙ୍ଗଳ ସମ୍ବାଦ ଦେଇଥିଲେ। ଏଥିରେ ଖୁସି ହୋଇ ସୀତା କହିଥିଲେ ଆଜି ଠାରୁ ଏହି ଦିନକୁ ମଙ୍ଗଳବାର କୁହାଯିବ। ଆଜି ଦିନଟି ମଧ୍ୟ ସପ୍ତାହର ସେହି ଦିନ ଯେଉଁ ଦିନ ପ୍ରଚଣ୍ଡ ଦୁଷ୍ଟଶକ୍ତି ରାବଣ ରାମଙ୍କ ଦ୍ୱାରା ନିହତ ହୋଇଥିଲା। ଚାଲ ଆମେ ଦୁହେଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସେ ଆମକୁ ଆଶୀର୍ବାଦ କରନ୍ତୁ। ଆମ ଉପରେ ତାଙ୍କର କୃପାଦୃଷ୍ଟି ରହୁ ଯେପରି ଆମେ ଆମ ଭିତରେ ଥିବା ଦୁଷ୍ଟଶକ୍ତିକୁ ପରାହତ କରି ଜଗନ୍ନାଥଙ୍କର ନିକଟତର ହେବା।


ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬


## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ



### ବିଶ୍ୱବିଜୟୀ ଦାଶ

ଉପେନ୍ଦ୍ର ଭଞ୍ଜ ଆଧୁନିକ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳରେ ଗୁମୁସର (ଘୁମୁସର) ନାମକ ପ୍ରାଚୀନ ରାଜ୍ୟରେ ନୀଳକଣ୍ଠ ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ଭାବେ କୁଲାଡଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଉପେନ୍ଦ୍ର ଭଞ୍ଜଙ୍କର ବାଲ୍ୟଶିକ୍ଷା ଚାହାଳୀରେ ଆରମ୍ଭ ହୋଇଥିଲା।ବାପା ନୀଳକଣ୍ଠ ଓ ଜେଜେ ଧନଞ୍ଜୟଙ୍କଠାରୁ ସେ ବିଭିନ୍ନ ଶାସ୍ତ୍ର ପଢ଼ିଥିଲେ।ଧନଞ୍ଜୟ ଭଞ୍ଜ ଜଣେ କବି ହୋଇଥିବାରୁ ତାଙ୍କ ଦରବାରକୁ ଅନେକ କବି, ପଣ୍ଡିତ, ସାଧୁସନ୍ଥ ବିଭିନ୍ନ ସମୟରେ ଆସୁଥିଲେ ଓ ସେଠାରେ ରହି ସାହିତ୍ୟ ସଙ୍ଗୀତ ବିଷୟରେ ଚର୍ଚ୍ଚା କରୁଥିଲେ। ଉପେନ୍ଦ୍ର ମଧ ଜେଜେଙ୍କ ପାଖରେ ବସି ସେଗୁଡିକ ଶୁଣୁଥିଲେ ଓ ଧୀରେ ଧୀରେ ସେମାନଙ୍କଦ୍ୱାରା ପ୍ରଭାବିତ ହୋଇ ସେ ଶାସ୍ତ୍ରମାନ ଆୟତ୍ତ କରିଥିଲେ। ଚାହାଳୀରେ ପଢୁଥିବା ସମୟରେ ଉପେନ୍ଦ୍ର କବିତା ଲେଖିବା ଆରମ୍ଭ କରି ଦେଇଥିଲେ ଯାହା ଜେଜେ ଧନଞ୍ଜୟ ବେଶ୍ ପସନ୍ଦ କରିଥିଲେ ଓ ନାତିକୁ ଆହୁରି ଲେଖିବାକୁ ପ୍ରେରଣା ଦେଲେ । ଉପେନ୍ଦ୍ର ଯାହା ଯେତେବେଳେ ଲେଖୁଥିଲେ ଜେଜେଙ୍କୁ ନେଇ ଦେଖାଉଥିଲେ ଓ ତାଙ୍କର ପରାମର୍ଶ ନେଉଥିଲେ ।ସେ ଜେଜେଙ୍କୁ ନିଜର କାବ୍ୟଗୁରୁ ଭାବରେ ବିଚାର କରି ନିଜ ସାଧନାରେ ଆଗେଇ ଯାଉଥିଲେ। ରାଜା ଧନଞ୍ଜୟଙ୍କ ଦରବାରକୁ ଥରେ ରଘୁନାଥ ନାମରେ ଜଣେ ସିଦ୍ଧପୁରୁଷ ସନ୍ୟାସୀ ଆସିଥିଲେ । ସେ ଉପେନ୍ଦ୍ରଙ୍କର ପାଠପଢ଼ା ଓ କବିତା ଲେଖିବାର ଆଗ୍ରହ ଦେଖି ତାଙ୍କୁ 'ରାମ ତାରକ ମନ୍ତ୍ର' ବୋଲି ଏକ ସିଦ୍ଧ ମନ୍ତ୍ର ଶିଖାଇ ଏହାକୁ କେମିତି ସାଧନା କରିବାକୁ ହେବ ବତାଇଦେଲେ । ମନ୍ତ୍ରଟି ଶିଖିବା ପାଇଁ ଉପେନ୍ଦ୍ର କୁଲାଡ଼ଗଡ଼ ଛାଡ଼ି ଅଳ୍ପ ଦୂରରେ ଥିବା ଏକ ନିର୍ଜନ ସ୍ଥାନକୁ ଚାଲିଗଲେ । ହିଂସ୍ରଜନ୍ତୁପୂର୍ଣ୍ଣ ଓ ପାହାଡ ପର୍ବତଘେରା ସେହି ସ୍ଥାନରେ ଗୋଟିଏ ଗୁମ୍ଫା ଭିତରେ ବସି କିଛିଦିନ ଗୁରୁମନ୍ତ୍ର ସାଧନା କରିବାପରେ ସିଦ୍ଧିଲାଭ କରି ସେ ରାଜପ୍ରସାଦକୁ ଫେରି ଆସିଲେ । ସେହି ସ୍ଥାନଟି ଏବେ 'ବାଘବଲି' ଓ 'ଡାମଣ ଝୋଲି' ନାମରେ ପରିଚିତ, ସାଧନା କରି ଫେରିବା ପରେ ଉପେନ୍ଦ୍ରଙ୍କର ଆଗ ଅପେକ୍ଷା ଆହୁରି କାବ୍ୟ ଲେଖିବା ଓ କାବ୍ୟକବିତା ବିଷୟରେ ଜାଣିବାରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଲା ।କାବ୍ୟ ଆଲୋଚନା ପାଇଁ ସେ ଜେଜେ ଧନଞ୍ଜୟ ଭଞ୍ଜଙ୍କ ସହିତ ସମୟ ବିତାଉଥିଲେ ।ଦିନେ ସାହିତ୍ୟ ଆଲୋଚନା ହେଉଥିଲା ବେଳେ ଧନଞ୍ଜୟ ନିଜର ଶ୍ରେଷ୍ଠ କାବ୍ୟ ରଘୁନାଥ ବିଳାସ ଉପେନ୍ଦ୍ରଙ୍କୁ ଦେଲେ ଓ କିଛି ଦୋଷତ୍ରୁଟି ଥିଲେ ନିର୍ଭୟରେ ତାଙ୍କୁ ଜଣାଇବାକୁ କହିଲେ। ଉପେନ୍ଦ୍ର କାବ୍ୟଟିକୁ ମନଦେଇ ପଢ଼ିସାରିଲାପରେ ଅଳଙ୍କାରର ପ୍ରୟୋଗ କରିଥିଲେ ଆହୁରି ଭଲ ହୋଇଥାନ୍ତା ବୋଲି କହିଲେ, ଧନଞ୍ଜୟ ଭଞ୍ଜ ଏକଥା ଶୁଣି ଖୁସି ହେଲେ ।କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟଯୁଗୀୟ ଓଡ଼ିଆ ରୀତି ସାହିତ୍ୟ ର ସର୍ବଶ୍ରେଷ୍ଠ କବି ।ଓଡ଼ିଆ ଜାତିର ଭାଷା, ସଂସ୍କୃତି, କଳା, ସଂଗୀତ ତଥା ଆଧ୍ୟାମିକ ଚେ଼ତନା ର ଯଥାର୍ଥ ପ୍ରତିଫଳନ ହୋଇଥିଲା ତାଙ୍କ ରଚ଼ନାବଳୀରେ। ଉପେନ୍ଦ୍ର ଭଞ୍ଜଙ୍କ ଠାରେ ବହୁଗୁଣର ସମାହାର ଘଟିଥିଲା। ତାଙ୍କ ରଚ଼ିତ କାବ୍ୟ ମାନଙ୍କରେ ଭରି ରହିଥିଲା ନାନା ରସ, ଅଳଙ୍କାର, ତତ୍ତ୍ୱ ଓ ଦର୍ଶନ। ସେ ଉତ୍କଳୀୟ ସାଂସ୍କୃତିକ ପରମ୍ପରା, ସମସାମୟିକ ସାମାଜିକ ଜୀବନଧାରା ତଥା ଭବିଷ୍ୟତର ଆହ୍ୱାନ ସମ୍ପର୍କରେ ଯଥେଷ୍ଟ ସଚ଼େତନ ଥିଲେ। ତାଙ୍କ ରଚ଼ନାରେ ଚ଼ରିତ୍ର ଚ଼ିତ୍ରଣ, ପରିବେଶ ନିର୍ମାଣ, ପ୍ରକୃତି ବର୍ଣ୍ଣନା, ବଂଶାବଳୀ ଦର୍ଶନ, ନୈତିକ ସମ୍ଭାଷଣ, ଲୋକୋପଦେଶ, ଭକ୍ତି ପ୍ରଦର୍ଶନ ତଥା ରସ ପରିବେଷଣର ଶୈଳୀ ଅନନ୍ୟ ଏବଂ ଅଦ୍ୱିତୀୟ । ଉପେନ୍ଦ୍ର ଭଞ୍ଜଙ୍କୁ ବୀରବର, ମଙ୍ଗରାଜ, କବିସାର୍ବଭୌମ, କବି କୁଳକେଶରୀ, କବି ସମ୍ରାଟ ଉପାଧି ଦ୍ୱାରା ସମ୍ବୋଧିତ କରାଯାଇଥିଲା। କାବ୍ୟକବିତା ଲେଖି ଉପେନ୍ଦ୍ର ସାରା ଓଡ଼ିଶାରେ ବେଶ୍ ପ୍ରସିଦ୍ଧି ଲାଭ କରିସାରିଥିଲେ। ପୁରୀର ତତ୍କାଳୀନ ଗଜପତି ରାଜା ଦିବ୍ୟସିଂହ ଦେବ କବିଙ୍କ ବିଷୟରେ ଶୁଣିବାକୁ ପାଇଲେ ଓ ତାଙ୍କୁ ସମ୍ମାନିତ କରିବା ପାଇଁ ପୁରୀକୁ ଡକାଇଲେ। ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ଉପେନ୍ଦ୍ର ପୁରୀ ଆସିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରାଜଦରବାରରେ କାବ୍ୟ ଆଲୋଚନା କଲେ । ତାଙ୍କର କାବ୍ୟ ଆଲୋଚନା ଏତେ ପାଣ୍ଡିତ୍ୟ ପୂର୍ଣ୍ଣ ଥିଲା ଯେ ଖାଲି ରାଜା କାହିଁକି ବଡ଼ ବଡ଼ ପଣ୍ଡିତମାନେ ମଧ ତାହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ଶେଷରେ ଦିବ୍ୟସିଂହ ଦେବ ରାଜଦରବାର ଭିତରେ ଉପେନ୍ଦ୍ରଙ୍କ ମୁଣ୍ଡରେ ପାଟଶାଢୀ ବାନ୍ଧିଦେଇ କହିଲେ, ଧନ୍ୟ ଉପେନ୍ଦ୍ର। ତୁମେ ଖାଲି ରାଜପୁତ୍ର ନୁହଁ, ତୁମେ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ। ତୁମକୁ ଆଜି ମୁଁ ବୀରବର ଉପାଧିରେ ଭୂଷିତ କରୁଛି'। ଉପେନ୍ଦ୍ର ଗଜପତି ଦିବ୍ୟସିଂହ ଦେବଙ୍କର ସେହି ଉପାଧିକୁ ଆଗ୍ରହର ସହିତ ଗ୍ରହଣ କଲେ । ଉପେନ୍ଦ୍ର ଭଞ୍ଜ ପାଖାପାଖି ୫୨ ଗୋଟି



ଗ୍ରନ୍ଥ ରଚନା କରିଥିଲେ ବୋଲି ଏକାଧିକ ଗବେଷକ ମାନଙ୍କଦ୍ୱାରା ଅନୁମିତ ହୋଇଛି ।କିନ୍ତୁ ମୁଦ୍ରଣଯନ୍ତ୍ର ଅଭାବରୁ ଏହି ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଅନେକ ଗ୍ରନ୍ଥ ଆଉ ଖୋଜିଲେ ମଧ ମିଳିବା ଅସମ୍ଭବ ପ୍ରାୟ। ଏବେ ମାତ୍ର ୨୦-୨୫ ଗୋଟି ରଚନା ମିଳୁଛି ।ଏହି ବିଷୟରେ ପ୍ରସିଦ୍ଧ ପତ୍ରିକା ଉତ୍କଳ ଦୀପିକାରେ ୧୮୬୬ ମସିହାରେ ଛପାଯାଇଥିଲା। ତାଙ୍କ ରଚ଼ିତ କେତୋଟି ପ୍ରମୁଖ କାବ୍ୟ ହେଲା ସରଭ, ଅଭିଷେକ, ବୈଦେହୀଶ ବିଳାସ ('ବ'ରେ ଆରମ୍ଭ ହୋଇଥିବା ସବୁ ପଦ), ରାସଲୀଳା, ବ୍ରଜଲୀଳା, ସୁଭଦ୍ରା ପରିଣୟ('ସ'ରେ ଆରମ୍ଭ ହୋଇଥିବା ସବୁ ପଦ), ଲାବଣ୍ୟବତୀ, ପ୍ରେମ ସୁଧାନିଧି, ରସିକହାରାବଳୀ, ଚିତ୍ରକାବ୍ୟ- ବନ୍ଧୋଧ, ବ୍ରହ୍ମାଣ୍ଡ ସୁନ୍ଦରୀ, କଳା କୌତୁକ ('କ'ରେ ଆରମ୍ଭ ହୋଇଥିବା ସବୁ ପଦ) ସତୀଶ ବିଳାସ ('ସ'ରେ ଆରମ୍ଭ ହୋଇଥିବା ସବୁ ପଦ), ଦମୟନ୍ତୀ ବିଳାସ ('ଦ'ରେ ଆରମ୍ଭ ହୋଇଥିବା ସବୁ ପଦ), ପଦ୍ମାବତୀ ପରିଣୟ ('ପ'ରେ ଆରମ୍ଭ ହୋଇଥିବା ସବୁ ପଦ)। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ, ପ୍ରଖ୍ୟାତ କବି। ତାଙ୍କୁ କୋଟି କୋଟି ପ୍ରଣାମ ଜଣାଉଛି।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଆଉ ଏକ ଚମତ୍କାରି ବର୍ଣ୍ଣନା।

ରମଣୀ ରତନ ମେଘକୁ ଚାହିଁ
କହିବୁରେ ମେଘ କାନ୍ତଙ୍କୁ ଯାଇ
ଏତେ ଦିନ କିମ୍ବା ବିଳମ୍ବ କଲେ
କାଲି ପରିକି କଣ୍ଟ କରିଥିଲେ ।


ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର,ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ: ୬୩୭୦୨୦୮୪୨୮





### ପ୍ରେମର ଜ୍ୱାଳା
#### ସମ୍ବିତ ପ୍ରଧାନ

ତମେ ବୁଝିଲନି ମୋ ଅନ୍ତର ଜ୍ୱାଳା
ତମେ ବୁଝ ନାହିଁ ମୋତେ,
ନିଜ ଲୁହ ନିଜ ହାତରେ ପୋଛୁଛି
ବୁଝେଇ ମନକୁ କେତେ ।
ଯେତେ ବୁଝାଇଲେ ମନ ତ ବୁଝୁନି
ଖୋଜୁଛି ସଦା ତମକୁ,
ତମେ ତମେ ବୋଲି କେତେ ମୁଁ
ଡାକିଲି
ଫେରିଲନି ମୋ ପାଖକୁ ।
ମନେ ପଡେ ସେଇ ଅଭୁଲା ସ୍ମୃତିଟି
ବୁଲୁଥିଲେ ଦୁହେଁ ମିଶି,
ହାତ ଧରି ମୋର ବାଟ ଚାଲୁଥିଲ
ଭୁଲିଗଲ ହସି ହସି।
ଲାଗିଗଲା ବୋଧେ ନଜର କାହାର
ସେ ହେତୁ ଲାଗୁନି ମନ,
ତମେ ହେଲ ଦୂର ଆକାଶର ଚାନ୍ଦ ,
ମୁ ହେଲି ଏକ ବାମନ ।
ବାମନ ହୋଇ ଯେ ପାଇବି ମୁଁ ଚାନ୍ଦ,
ସ୍ୱପ୍ନ ଦେଖୁଥିଲି ନିତି,
ସ୍ୱପ୍ନ ମୋର ଭାଙ୍ଗି ଚାଲିଗଲ ଛାଡି
ଭୁଲିଗଲ ମୋର ପ୍ରୀତି।
କହୁଥିଲ ଯେତେ ଦୁଃଖ ଆସିଲେବି
ଛାଡିବି ନାହିଁ ତୁମକୁ ।
ପଦିଏ କଥାରେ ଚାଲିଗଲ ଛାଡି
ଚାହିଁଲ ନାହିଁ ପଛକୁ ।
ଯେତେ ଚାହିଁଲେବି ଭୁଲି ମୁଁ ପାରୁନି
ତମର ସେ ପ୍ରତିଛବି,
ପ୍ରତି ମୁହୂର୍ତ୍ତର ଚିତ୍ର ଆଙ୍କି ଯାଅ
ହୋଇ ଚିତ୍ରକର ସାଜି ।

ସିକକେତା, କନ୍ଧମାଳ

### କଳ୍ପନା
#### ଦିନେଶ ମେହେର



ଇନ୍ଦ୍ରାବତୀ ନଦୀର ଅଙ୍କା ବଙ୍କା
ପଥ ପରି
ତମେ ଭ୍ରମିଗଲା ମାତ୍ରକେ
ଚାଲି ଆସ ଏଇ ହୃଦୟ ଭିତରକୁ !

ତମେ ତ ପ୍ରେମର ବୀଜମନ୍ତ୍ର ଟିଏ
ଅଙ୍କୁରୋଦଗମ ହେଉଥିବା
ନୂଆଁ ଏକ ସମ୍ପର୍କର ବୃକ୍ଷ,
ପ୍ରେମିକ ଆଖିର ସ୍ୱପ୍ନ ବିନ୍ୟାସରେ
ତମେ ଭାବନାଟିଏ
ପ୍ରେମିକା ପାଖରେ ଉତ୍ସର୍ଗୀକୃତ
ଲାଲ ଗୋଲାପଟିଏ,
ଫଗୁଣର ମୁଠାଏ ଗୋଲାପୀ ଫଗୁ
ତୁମେ,
ମହୁଲି ରସରୁ ବି ଢ଼ୋକା
ମତୁଆଲା ସ୍ୱର୍ଶ ତୁମେ,
ହଁ ତମେ ଦେବୀ ମନ୍ଦିରର
ପବିତ୍ର ଶଙ୍ଖ ଧ୍ୱନିଟିଏ,
ନୀରବ ପ୍ରାର୍ଥନା ଭିତରେ
ଧୂପ ଗୁଗୁଳର ମୁଠାଏ ବାସ୍ନା ତୁମେ !
ତୁମକୁ ଖୋଜେ
ଠିକ୍ ମାନସୀକୁ ଭଲ ପାଇଲା
ବେଳେ,
ପ୍ରେମ ନିବେଦନ ପର୍ବରେ,
ଏକ ତରଫା ପ୍ରେମିକ ହେଇ ବଞ୍ଚିବା
ମୁହୂର୍ତ୍ତରେ,
ହଠାତ୍ ତମେ ଯେ ଚାଲିଆସ
ଶୂନ୍ୟ ହୃଦୟ ଭିତରକୁ
ଶାନ୍ତିର ଶାନ୍ତ୍ୱନା ଟିଏ ହେଇ,
କିନ୍ତୁ ସେ ଆସେନା
ଆସେନା ତାର ପ୍ରତିମୂର୍ତ୍ତି
ଅବା ତାର କଅଁଳଦେହର ବାସ୍ନା,
ଯିଏ ଦିନେ ହୃଦୟର ସାମ୍ରାଜ୍ଞୀ ସାଜି
ନିଜ ଆଧିପତ୍ୟ ବିସ୍ତାର କରିଥିଲା
ଭଲ ପାଇଲା ମୁହୂର୍ତ୍ତରୁ,
ଏପର୍ଯ୍ୟନ୍ତ କରି ଚାଲିଛି ରାଜତ୍ୱ
ଏଇ ହୃଦୟ ଉପରେ !

ପଳାସ, କଳାହାଣ୍ଡି

### ବସନ୍ତ ଆସିଛି ବୋଲି
#### ନିରଞ୍ଜନ ପତି



ବସନ୍ତ ଆସିଛି ବୋଲି
ଆମ୍ର କୁଞ୍ଜେ ଡାକୁଛି କୋଇଲି
କୁହୁ କୁହୁ କହୁଅଛି, ପ୍ରେମଶିଳା
ହୃଦୟର କଥା
ବସନ୍ତ ରେ ତା ମନ ରେ
ଜାତ ହୁଏ ଶିହରଣ,
ରୋମାଞ୍ଚ,ପୁଲକ
ଛାତି ତଳେ ଅସୁମାରି ବ୍ୟଥା ।
ଗଲାସନ ଏଇ ଏକା
ଫଗୁଣ ରେ ନାଇଥିଲା
ତା ମଥା ରେ ଗାଢ଼ ଲାଲ୍
ସିନ୍ଦୁରର ଟୋପା
ପିନ୍ଧିଥିଲା ଲାଲ୍ ଚୁଡ଼ି ମୁଠା
ଦୂର ଗାଆଁ ଯୁବକର ସହ
ବୋଲା ହେଲା ସମ୍ପର୍କର ଅଠା
ସେତେବେଳେ
ଜୀବନ ଓ ଯୌବନର ମାଦକତା
ଲାଗୁଥିଲା ସତେ ମିଠା ମିଠା ।
ଢେର୍ ଦିନ ଭାବ ଦିଆ ନିଆ
ସବୁ କିଛି ଥିଲା ନୂଆ ନୂଆ
ଏସନ କୁ ବଞ୍ଚିଯାଇ ବଢିବାର
ଅସହ୍ୟ ପୀଡ଼ା ରେ
ସବୁ କିଛି ପାଣି ପଖଳା/ପଖାଳ ଭାତ
ପରି
ଲାଗେ ମିଠା ମିଠା ।
ସବୁ ସାଲ ପରି
ଏସନ ବି ବସନ୍ତ ଆସିଛି
କୋଉଠି କେମିତି ଧୀରେ ଧୀରେ
ଖାଦ୍ୟାଭାବେ ଜରାଜୀର୍ଣ୍ଣ
କୋଇଲିଟା
କୁନୁଛେଇ କୁନୁଛେଇ
କୁ ,କୁ , ହେଉଚି।
ଆମ୍ବ ଡାଳେ କାଁ ଭାଁ
ବଉଳ ଦୁହୁଚି
ବାଟ ଚଲା ପଥିକ ଟା ଛାଇ ବିନା
ହୁ -- ହୁ -- ହେଉଚି
ଗ୍ରୀଷ୍ମର ଦାଉ ଦାଉ
ଏବେ ଠାରୁ ଅସହ୍ୟ ହେଲାଣି
ବସନ୍ତ ଟା ଫଗୁରଙ୍ଗ ଦେଖି
ବୋଲି ହେବ ଟିକେ
ଡରି ମରି ସଧୀରେ କହୁଛି।
ଛତା, ଜୋତା, ଫ୍ରିଜ୍ ପାଣି
ଚିରା ପକେଟ୍‌ରୁ ରେଜା ଗଣି
ବାହାରେ ଖଟୁଥିବା
ହାଡୁଆ ଯୁବକ ଟା/ରୋଗୀଣା ପ୍ରିୟା
ପାଖକୁ
ଘରକୁ ଆଉଚି।
ବାସ୍ ଇଏ ପରା
ଏମିତିଆ ବସନ୍ତ ଆସିଛି
ଶୁଷ୍କ ଡାଳେ ଲୋଚା କୋଚା
ଗୋଲାପଟା
ଧୀରେ ଧୀରେ ଲାଲ୍ ହୋଇ
ରଙ୍ଗୀନ ଦିଶୁଛି
ପ୍ରେମୀ ଯୁଗଳଙ୍କ ସୁଖ ପାଇଁ
ପୁଣି ସିଏ ବଢିଆ ବାସୁଚି।

ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

# ସୁନା ଲକେଟ



## ନଗେନ୍ଦ୍ର ନାଥ ପଟ୍ଟନାୟକ



ଗୋଟେ ଝଙ୍କାଳିଆ ଗଛକୁ ଲାଗି ପୋଖରୀଟିଏ । ଅକାତକାତ ପାଣି ସେ ପୋଖରୀରେ । କାଚକେନ୍ଦୁ ଭଳି ନିର୍ମଳ ଓ ସ୍ୱଚ୍ଛ। ରେମୋ ବୋଇଲେ ଖୁବ୍ ସୁନ୍ଦର ଓ ଡଉଲଡାଉଲ ମାଛଟିଏ ସେ ଭିତରେ ଘରକରି ରହିଥିଲା । ସୁନ୍ଦର ମାଛମାନଙ୍କୁ ଆଖି ପୂରେଇ ଦେଖିବା ଲାଗି ଲୋକମାନଙ୍କର ସୁଅ ଛୁଟିଥାଏ ସେଠିକି । କୂଳ ଲଙ୍ଘୁଥିବା ସେ ପୋଖରୀରେ ପ୍ରତ୍ୟେକ ଜଳଜୀବଙ୍କୁ ପେଟପୂରା ଭୋଜନ କରିବାକୁ ପ୍ରଚୁର ଖାଦ୍ୟ ମିଳୁଥିଲା । କିନ୍ତୁ ଦିନେ ସବୁକିଛି ଓଲଟପାଲଟ ହୋଇଗଲା ଅଚାନକ । ଦୁର୍ଯୋଗକୁ ସେଦିନ ରାତିରେ ମାଛଧରାଳି ଦଳ ନଉକା ନେଇ ପୋଖରୀରେ ପଶିଗଲେ । ଆଉ ମାଛ ମାଛମାନଙ୍କୁ ଧରିବା ଲାଗି ଜାଲ ଖେପା ଫିଙ୍ଗିଚାଲିଲେ। ପୋଖରୀରେ ହାହାକାର ଖେଳିଗଲା। ଜଳଜୀବଙ୍କ ଭିତରେ ଭାଳେଣି ପଡିଲା। ମାଛମାନଙ୍କର ମଧ୍ୟ ପିଳେହିପାଣି। ଡରିମରି ପ୍ରାଣ ବଂଚାଇବା ପାଇଁ ଇଆଡେ ସିଆଡେ ଧାଇଁବାକୁ ଲାଗିଲେ। ଏତିକିବେଳେ ରେମୋ ଗୋଟେ ଫିକର ପାଂଚିଲା। କିଛିଦିନ ଆଗରୁ କେହିଜଣେ ଲୋକ ରାଗରେ ନିଆଁବାଣ ହୋଇ ହୀରାମୁଦି ଫିଙ୍ଗିଦେଇଥିଲା ପୋଖରୀରେ। ରୋମା କିନ୍ତୁ ସେ ମୂଲ୍ୟବାନ ମୁଦିକୁ ନିଜ ହେପାଜତରେ ସମ୍ଭାଳି ରଖିଥାଏ। ସେଟାକୁ ନେବାପାଇଁ କେହି ଆସିଲେ ତାକୁ ଫେରାଇ ଦେବ। ରୋମା ମନେମନେ ଭାବିଲା ଯଦି ଏ ମାଛଧରାଳିଙ୍କୁ ଏହି ଦାମିକା ହୀରାମୁଦିକୁ ଦେଇଦିଆ ଯାଏ ତେବେ ସେମାନେ ଖୁସି ଆନନ୍ଦରେ ଗଦ୍‌ଗଦ୍ ହେଇ ସେଠୁ ପଳେଇଯିବେ। ତହିଁ ପରଦିନ ମାଛଧରାଳିମାନେ ଫେର ଲେଉଟିଲେ । ଏଥର ମଧ୍ୟ ରୋମାର ଉପସ୍ଥିତ ଅକଲ ହେତୁ ବିଚରା ମାଛମାନଙ୍କର ଜୀବନ ବଂଚିଗଲା। ଏହିବାର ରେମୋ ସୁନା ଲକେଟଟିକୁ ହାତବାରିସି କରି ବିଚରା ଡରିମରି ଛାନିଆ ହୋଇଥିବା ମାଛମାନଙ୍କ ଜୀବନ ବଂଚେଇଦେଲା। ଆଗକୁ କିଛି ଦିନଯାଏ ଏମିତି କାମର ପୁନରାବୃତି ହେବାକୁ ଲାଗିଲା । ପୋଖରୀ ଅଥଳ ପାଣି ତଳେ ଏକ ବିରଳ ଚିଜ୍ ଠାବକଲା ରେମୋ। ସେଟାକୁ ଖୁବ୍ ସାବଧାନରେ ଧରିନେଇ ମାଛଧରାଳିଙ୍କ ଜାଲ ଭିତରେ ପକେଇଦେଲା। ହେଲେ ଏମିତି ଗୋଟେ ଦିନ ଆସିଲା ଯେତେବେଳେ ପୋଖରୀର ଉଦର ଖାଲି ହୋଇଗଲା। ଲୋଭୀ ମାଛଧରାଳିଙ୍କୁ ଯେତେବେଳେ କିଛି ମିଳିଲା ନାହିଁ ସେମାନେ ସାରା ପୋଖରୀର ପାଣିତକ ବାହାର କରିଦେଲେ । ଫଳରେ ପୋଖରୀଟି ଜଳଶୂନ୍ୟ ହୋଇଗଲା। ମାଛଧରାଳି ଦଳ ଭାବିଲେ ବୋଧହୁଏ ଏ ପୋଖରୀ ତଳଭାଗରେ ଧନରତ୍ନ ପୋତା ହୋଇଛି । ଯଦି ଏହାର ପାଣିତକ ନିଷ୍କାସନ କରି ଖାଲି କରାଯାଏ ତେବେ ସବୁତକ ଗୁପ୍ତ ଧନରତ୍ନ ଏକାବେଳକେ ମିଳିଯିବ। ସେମାନଙ୍କ ଲୋଭପଣ ଯୋଗୁଁ ପୋଖରୀରେ ବାସ କରୁଥିବା ବିଚରା ଅସଂଖ୍ୟ ମାଛ ଓ ଅନ୍ୟ ଜଳଜୀବମାନେ ଜୀବନ ଚାଲିଗଲା ।


\+ ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ୍ ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


# ଗୁରବେ ନମଃ

## ସୁଦର୍ଶନ ମହାପାତ୍ର



ଛୋଟବେଳୁ ମୁଁ ଯାହାଙ୍କୁ ଈଶ୍ୱର ବୋଲି ଭାବି ବସିଥିଲି ସେ ହେଉଛନ୍ତି ମୋ ଜୀବନର ପ୍ରଥମ ଗୁରୁ ରମେଶ ସାର। ମୁଁ ସାର୍‌ଙ୍କ ପାଖରେ ପଢିଲା ବେଳକୁ ମୋ ବଡ ଭଉଣୀ ଏବଂ ବଡ ଭାଇ ପ୍ରାଥମିକ ବିଦ୍ୟା ଶେଷ କରି ସାରିଥିଲେ ସେଇ ସାର୍‌ଙ୍କ ପାଖରେ।

ଅଧା କାନ୍ଥ ଥିବା ଚାଟଶାଳୀରେ ମୁଁ ସାରଙ୍କ ପାଖରେ ବିଦ୍ୟାରମ୍ଭ କରିଥିଲି। ସାର୍ କୁମ୍ଭାରଟିଏ ସାଜି ମୋ ପରି ହଜାର କାଦୁଅ ପେଣ୍ଡୁଳାଙ୍କୁ ବିଭିନ୍ନ ରୂପରେ ଗଢି ତୋଳିବାକୁ ପ୍ରଯତ୍ନ କରୁଥିଲେ । ଆମେ ସବୁ ତାଙ୍କରି ହାତର ସୁଠାମ ସୁନ୍ଦର ପୂର୍ଣ୍ଣ କୁମ୍ଭମାନ । ମୋ ପୂର୍ବରୁ ସମସ୍ତେ ସେଇ ଚାଟଶାଳୀରେ ତୃତୀୟ ପର୍ଯ୍ୟନ୍ତ ପଢ଼ି ଅନ୍ୟ ସ୍କୁଲକୁ ଯାଇଥିଲେ। ହେଲେ ଆମେ ଶିଶୁ ଶ୍ରେଣୀ ସମାପ୍ତ କଲାବେଳକୁ ଇଟାକାନ୍ଥ ଦିଆ ସ୍କୁଲ ଠିଆ ହୋଇ ସାରିଥିଲା। ଆଉ ଶିକ୍ଷକ ଥିଲେ ରମେଶ ସାର୍ ।

ସ୍କୁଲ ଚାରିପଟେ ଏକ ସୁସଜ୍ଜିତ ସବୁଜ ବଳୟ ସୃଷ୍ଟି ହୋଇ ଥିଲା ସାର୍‌ଙ୍କ ଉଦ୍ୟମ ଯୋଗୁଁ।ଏକ ଆଦର୍ଶ ବନବିଦ୍ୟାଳୟର ରୂପରେଖ ଥିଲା ସ୍କୁଲ। ସ୍କୁଲ... ଅର୍ଥାତ୍ 'ରମେଶ ସାର୍‌ଙ୍କ ସ୍କୁଲ' ବୋଲି ଅଭିହିତ ସେଇ ସ୍କୁଲର ପ୍ରକୃତ ନାମ କେହି ପ୍ରାୟ କହୁ ନଥିଲେ। କାହାରି ଜାଣିବାର ଆବଶ୍ୟକତା ବି ପଡୁନଥିଲା।

ସାର୍ ନିଜସ୍ୱ ଚେଷ୍ଟାରେ ଲାଇବ୍ରେରୀ ଟିଏ ଖୋଲିଥିଲେ ପିଲାମାନଙ୍କ ପାଇଁ। କୃଷକର ଆତ୍ମକାହାଣୀ, କୁକୁର,ଗାଈ, ବଳଦ ଆଦି ଉପକାରୀ ପ୍ରାଣୀମାନଙ୍କର ଆତ୍ମକାହାଣୀ ଆମ ଦ୍ୱାରା ଲେଖାଇ ପରୋକ୍ଷରେ ସୃଜନଶୀଳତାର ଅଙ୍କୁରୋଦ୍‌ଗମ ବପନ କରୁଥିଲେ ଆମ ଭିତରେ। ବିଭିନ୍ନ ଗପ,ଗୀତର ସାରବତ୍ତାକୁ ପ୍ରାଞ୍ଜଳ ଭାବରେ ବୁଝେଇ ଦେଉଥିଲେ ସେ।

ଦୁର୍ଗାପୂଜା କିମ୍ବା ଅନ୍ୟ କୌଣସି ଛୁଟିରେ ସାର୍ କେବେ ନିଜ ଘର ମାର୍ଶାଘାଇ ଗଲେ ମୋତେ ଅଥୟ ଲାଗେ। ସ୍କୁଲ ଛୁଟି ଥିଲେ ବି ସାର୍ ଆମ ଗାଁରେ ପହଞ୍ଚିବା ମାତ୍ରେ ମୋର ପ୍ରିୟ ସାଙ୍ଗ ସତ୍ୟ ସହିତ ମୁଁ ପହଞ୍ଚି ଯାଏ ସ୍କୁଲ ହତାରେ। ସାରଙ୍କ ଅବର୍ତ୍ତମାନରେ ବଗିଚାର ସୌନ୍ଦର୍ଯ୍ୟରେ କିଛି ପରିମାଣରେ ମ୍ଳାନତା ଅନୁଭବ ହୁଏ। ଆମେ ଦୁଇଜଣ ଲାଗିପଡୁ ତଳେ ପଡ଼ିଥିବା ଶୁଖିଲା ପତ୍ର ଗୋଟେଇବାରେ। ସେତେବେଳକୁ ସାରଙ୍କ ମୁହଁରେ ଫୁଟି ଉଠେ ହସର ଫୁଆରା।

ସାରଙ୍କ ହସ ସବୁଠୁ ନିଆରା...। ମୁଁ ଏପର୍ଯ୍ୟନ୍ତ ସାରଙ୍କ ହସ ସହ ତଉଲିବାକୁ ଚେଷ୍ଟା କରେ ରଙ୍ଗଅଧର ଜଗନ୍ନାଥଙ୍କ ହସ ସହ ତ କେତେବେଳେ ମହାଭାରତରେ କୃଷ୍ଣଙ୍କ ହସ ସହ।

ସାରଙ୍କ ଧୋତି ପଞ୍ଜାବୀ ପରିପାଟୀ.., ସାରଙ୍କ ଅକ୍ଷର., ସାରଙ୍କ ପାଠ ପଢ଼ାଇବାର ଧାରା...ସାରଙ୍କ ପରିଷ୍କାର ପରିଚ୍ଛନ୍ନତା.., ସାରଙ୍କ କଥା କହିବାର ଶୈଳୀ..ସବୁ ତ ନିଆରା !!!

ଜଣେ ଅସାଧାରଣ ବ୍ୟକ୍ତିଙ୍କୁ ଶିକ୍ଷକ ରୂପରେ ପାଇବା କୋଟି ତପସ୍ୟାର ଫଳ ନୁହେଁ କି ?

ପ୍ରକୃତରେ ସେ ଜଣେ ବ୍ୟକ୍ତି ନୁହନ୍ତି, ଗୋଟିଏ ଅନନ୍ୟ ଅନୁଷ୍ଠାନ। ଅବଶ୍ୟ ରମେଶ ସାର୍‌ଙ୍କୁ ରାଜ୍ୟପାଳ ପୁରସ୍କାର, ରାଷ୍ଟ୍ରପତି ପୁରସ୍କାର ରେ ସମ୍ମାନିତ କରାଯାଇଥିଲା, ହେଲେ ସେ ତ ତା'ଠାରୁ ଆହୁରି ଅଧିକ କିଛି ମର୍ଯ୍ୟାଦା ପାଇବାର ଯୋଗ୍ୟ।ଆମପାଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ରମେଶ ସାରଙ୍କ ପାଖରେ ସବୁ ପ୍ରଶଂସା, ସବୁ ଉପାଧି ତୁଚ୍ଛ ପ୍ରତୀତ ହୁଏ !

ସେଇ ଈଶ୍ୱରଙ୍କ ପାଦତଳେ ମୋର ଆଭୂମ ପ୍ରଣାମ...!!!

(୨)

ଆଗକୁ ସପ୍ତମ ସ୍କଲାରସିପ୍ ପରୀକ୍ଷା। ଆମେ ପାଞ୍ଚଜଣ ଥିଲୁ ପ୍ରଧାନଶିକ୍ଷକ ଗୌରାଙ୍ଗ ସାର୍‌ଙ୍କ ତତ୍ତ୍ୱାବଧାନରେ। ଭୁଟଭାଟ ନହୋଇ ରାତି ଦଶରେ ଶୋଇ ସକାଳ ଚାରିରୁ ଉଠି ପଢ଼ିବାକୁ କଡା ନିର୍ଦ୍ଦେଶ ସାର୍‌ଙ୍କର।

ସ୍କୁଲ ହତାକୁ ଆସି ରାତି ଦଶଟାରେ ଚେକ୍ କରି ଫେରନ୍ତି ବୋଲି ମୁଁ ଜାଣିଲି ଦିନେ ଗୋଟିଏ ଘଟଣାରୁ। ସଂନ୍ଧ୍ୟାରେ ସାର୍ ସେଦିନ ଗଣିତ କେତେ ଖଣ୍ଡ ଦେଇଥିଲେ ଅଭ୍ୟାସ କରିବାକୁ। ନିଦରେ ମୋ ଆଖି ଲାଗିଯାଉଥାଏ ବାରମ୍ବାର। ଯଥାସମ୍ଭବ ଚେଷ୍ଟା କରି ମୁଁ କୌଣସି ମତେ ଗଣିତତକ ଶେଷ କଲି। ହେଲେ ପାଞ୍ଚଟିରୁ ତିନୋଟି ଭୁଲ୍। ପାଖରେ ଥିବା ମନ୍ଦାର ଡାଳରୁ ସାର୍ ଭାଙ୍ଗି ଆଣିଲେ ଦୁଇ ତିନୋଟି । ପତ୍ର ସବୁଝାଡି ସବୁତକ ଡାଳ ଯୋଡି ସାର୍ ମୋ ଉପରେ କଷି ଦେଇଗଲେ ପାହାର। ପିଣ୍ଡା ଧାରରେ ବସିଥିଲି ମୁଁ। ଗୋଟିଏ ପାହାରରେ ଅଥୟ ହୋଇ ସିଧା ଡେଇଁ ପଡିଲି ପିଣ୍ଡା ତଳକୁ...!

-' ରାତିରେ ନଶୋଇ ଯାତ୍ରା କଥା ତ ଭାରି କଥାବାର୍ତ୍ତା ଚାଲିଛି ? ପାଠ କାହିଁ ? ପଢିଲା ବେଳେ ନିଦ ଆସୁଛି, ନାହିଁ ...?' ତଳୁ ଉଠି ପିଣ୍ଡାରେ ବସିବାକୁ ଯାଉଥିଲି ତ ପିଠିରେ ବସିଗଲା ଆଉ ଦୁଇ ଛାଟ।

ଆଉ ଦିନେ ରାତିରେ ସ୍କୁଲରେ ଆଶ୍ରୟ ନେଇଥିଲେ ଜଣେ ଓସ୍ତାଦ। ତାଙ୍କୁ ଅନୁରୋଧ କରି 'ନମଃ ନମଃ ଗଣପତି ଗିରିଜା ନନ୍ଦନ ପ୍ରଭୁ...' ଶିଖିବାକୁ ବସି ପଡିଲି ମୁଁ। ମୋ ସହିତ ଆଉ ଦୁଇ ଜଣ।

ହାରମୋନିୟମ ବାଜିବା ଆରମ୍ଭ ହୋଇଛି ତ ଶୁଭିଲା ଠକ୍ ଠକ୍ ଶବ୍ଦ। ସାଙ୍ଗ ସତ୍ୟ କବାଟ ଖୋଲିଲା ତ ସାମ୍ନାରେ ଥିଲେ ଗୌରାଙ୍ଗ ସାର୍।

-' ହଁ ହଁ ଗୀତ ଶିଖ' କହି ସାର୍ ଫେରିଗଲେ ବଗିଚାରୁ ଫୁଲ ତୋଳି ସାରି। ତା' ପରକୁ ଆମର ଅବସ୍ଥା ସହଜେ ଅନୁମେୟ। ଏନ୍ ଆର୍ ଟି ଏସ୍ ପରୀକ୍ଷା ଦେବାକୁ ଆମେ କଟକ ଯିବାର ଥିଲା। ଆମ ସ ?ହିତ ସ୍କୁଲର ସବୁଠୁ ରାଗୀ, ରବି ସାର୍ ଯିବେ ବୋଲି ଶୁଣିଲୁ। ଗୌରାଙ୍ଗ ସାର୍‌ଙ୍କୁ ଅନୁରୋଧ କଲୁ ଆଉ କାହାକୁ ପଠାଇବାକୁ।

-' ଆମର ଲକି ସାର୍ ହେଉଛନ୍ତି ରବି ସାର। ଆମ ସ୍କୁଲର ପାରେଶ୍ୱର ଜେନା ପାଇଥିଲା ସ୍କଲାରସିପ୍। ତା' ସାଙ୍ଗରେ କଟକ ଯାଇଥିଲେ ରବି ସାର। ଦେଖିବ ତୁମ ଭିତରୁ ଏଥର କେହି ସ୍କଲାରସିପ୍ ପାଇବ।' ଆଶ୍ୱାସନା ପାଇ ଉତ୍ସାହିତ ହେଲୁ। ପରୀକ୍ଷା ଦେଇ ଫେରିଲୁ। ଆମ ଭିତରୁ ଖୁବ୍ ଉତ୍ସାହିତ ଥିଲେ ବିକ୍ରମ, ସତ୍ୟ ଆଦି ସାଙ୍ଗ। କ୍ଲାସ ପରୀକ୍ଷାରେ ଦ୍ୱିତୀୟ ବା ତୃତୀୟ ହେଉଥିବାରୁ ମୁଁ ନିରବ ରହିବାକୁ ବାଧ ଥିଲି।

ରେଜଲ୍ଟ ବାହାରିବା ଦିନ ଗୌରାଙ୍ଗ ସାର୍ ଡି.ଆଇ ଙ୍କ ସାମ୍ନାରେ ମୋତେ କୋଳେଇ ଧରିଥିଲେ। 'ଏଇ ଦୁଷ୍ଟ ମୋ ନାଁ ରଖିବ ବୋଲି ମୁଁ ଜାଣିଥିଲି' ସାର୍ କହିଲା ଭିତରେ ତାଙ୍କ ଆଖି ଥିଲା ଛଳଛଳ। ମୁଁ ଖୁସିରେ କାନ୍ଦି ପକେଇଥିଲି।

ମନେ ପଡିଲା ଅଗଷ୍ଟ ପନ୍ଦର ଦିନ ପ୍ରଭାତ ଫେରି ଏବଂ ପତାକା ଉତ୍ତୋଳନ ପରେ ଗୌରାଙ୍ଗ ସାର୍ ମୋ ହାତକୁ ଗୋଟିଏ ଜାଗାରେ ଦୁଇଟି ଲଡୁ ଦେଇ 'ମୋ ନାଆଁ ରଖିବୁ' ବୋଲି ଶ୍ରଦ୍ଧାରେ କହିଥିବାର କଥା।

ସାରଙ୍କ ଆଶିର୍ବାଦ ବିନା ଏସବୁ ସମ୍ଭବ ହୋଇ ପାରିନଥାନ୍ତା ବୋଲି ମୁଁ ମର୍ମେ ମର୍ମେ ଅନୁଭବ କରୁଥିଲି...!!!!


\+କୁଞ୍ଜବିହାରୀ ଲେନ, କଟକ


# ଦେବା ନି କାହା ମନେ ବ୍ୟଥା

## ସନ୍ତୋଷ କୁମାର ଅଦାବର

ଗାଁ ମୁଣ୍ଡରେ ଝଙ୍କାଳିଆ ବରଗଛଟିଏ କେଉଁ କାଳରୁ ଠିଆ ହୋଇଅଛି। ସେ ଗଛରେ ବିଭିନ୍ନ ପକ୍ଷୀ ବସା ବାନ୍ଧି ରହି ଆସୁଛନ୍ତି। ଗଛଟି ତା'ର ଛାଇ, ଶୀତଳ ପବନ ଦେଇ ଖରା,ବର୍ଷା ଆଉ ଶୀତ ଦାଉରୁ ସମସ୍ତ ପକ୍ଷୀଙ୍କୁ ଆରାମ ତଥା ନିରାପଦ ପ୍ରଦାନ କରି ଆସୁଅଛି। ସେ ଗଛରେ ରହୁଥାଏ ଗୋଟିଏ କାଉ। ସେ କାହାରି ମଙ୍ଗଳ ଚାହୁଁ ନ ଥାଏ। ଅନ୍ୟର ଅସୁବିଧା ଦେଖିଲେ ସାହାଯ୍ୟ କରିବା ବଦଳରେ ପରିହାସ କରିଥାଏ।

ସେ କାଉର ବସା ପାଖକୁ ଲାଗି ବସା କରି ରହୁଥାଏ ଗୋଟିଏ ବଣି। ତା'ର ଗୋଟିଏ ସୁନ୍ଦର ଶାବକ ଥାଏ। ନିଜ ଛୁଆ ପାଇଁ ବଣିଟି ଖାଇବା ସଂଗ୍ରହ କରି ଆଣିଦିଏ। ବଣି ଛୁଆଟି ମାଆ ବଣିଠାରୁ ଖାଇବା ପାଇ ବହୁତ ଖୁସି ହୁଏ। ଏମିତି ବହୁତ ଖୁସିରେ ମାଆ ଆଉ ଛୁଆ ଥାଆନ୍ତି । କିନ୍ତୁ ଏମାନଙ୍କର ଖୁସି ଦେଖି କାଉଟି ଆଦୌ ସହିପାରେ ନାହିଁ। ଅଯଥାଟାରେ ମାଆ ବଣି ସହ ଝଗଡ଼ା କରେ।

ଦିନେ ମାଆ ବଣି ତା' ଛୁଆ ପାଇଁ ଖାଦ୍ୟ ଖୋଜି ଯାଇଥାଏ। ଏହାର ସୁଯୋଗ ନେଇ କାଉଟି ତା' ଥଣ୍ଟରେ ବଣିର ଛୁଆକୁ ଉଠାଇ ନେଇ ଅନ୍ୟ ଏକ ବସାରେ ଲୁଚେଇ ଦେଲା। ମାଆ ବଣି ଆସି ଦେଖେ ତ ତା' ବସାରେ ତା' ଛୁଆ ନାହିଁ। ବହୁତ ଦୁଃଖରେ କାନ୍ଦି କାନ୍ଦି ସେ ଗଛରେ ଥିବା ସମସ୍ତଙ୍କୁ ପଚାରିଲା । କେହି ବି କହିପାରିଲେ ନାହିଁ। କିଛି ସମୟ ପରେ ତା' ଛୁଆର ଶବ୍ଦ ଶୁଣି ସେ ବସା ଆଡ଼କୁ ଗଲା ଏବଂ ତା'ର ଛୁଆକୁ ପାଇ ବହୁତ ଖୁସି ହେଲା। ସେଠାରୁ ଛୁଆକୁ



ଆଣି ଖାଇବାକୁ ଦେଲା । ତା' ଛୁଆ ଠାରୁ ସବୁ କଥା ଶୁଣି ମାଆ ବଣି କାଉ ପ୍ରତି ରାଗିଗଲା,କିନ୍ତୁ କାଉକୁ କିଛି କହି ପାରୁ ନ ଥାଏ। ଏମିତି ନାଟ ଭିଆଇ କାଉଟି ହସୁଥାଏ।

ଠିକ୍ ତା' ପରଦିନ ସକାଳୁ କୌଣସି ଖାଦ୍ୟକୁ ନେଇ ସେ କାଉ ଏବଂ ଗୋଟିଏ ଶାଗୁଣା ମଧ୍ୟରେ କଳି ହେଲା। ଏତେ ଜୋରରେ ଝଗଡ଼ା ବଢ଼ିଲା ଯେ କାଉ ନିଜକୁ ନିଃସହାୟ ମନେ କଲା। ସେଠାରୁ ପଳେଇ ଆସି ନିଜ ବସାରେ ମନ ଦୁଃଖରେ ବସିଥାଏ। କାଉର ମନ ଦୁଃଖ ଥିବା ଦେଖି ବଣିଟି ସମବେଦନା ଜଣାଇ କାରଣ ପଚାରିଲା । ଏତେ ହଇରାଣ କରିଥିବା ସତ୍ତ୍ୱେ ବଣିଟି ତାକୁ ସମବେଦନା ଜଣାଇ ମନ ଦୁଃଖର କାରଣ ପଚାରୁଛି ଦେଖି କାଉର ମନରେ ପରିବର୍ତ୍ତନ ଆସିଲା। ସେ ନିଜର ସବୁ ଦୁଃଖ ବଖାଣିଲା । ଅନ୍ୟକୁ ନିଜ ଦୁଃଖ କଥା କହିଲେ ଟିକିଏ ହାଲୁକା ଲାଗେ ଏହା ସେ ସେତେବେଳେ ଅନୁଭବ କଲା। ସେହିଦିନଠାରୁ ସେ ଆଉ କାହା ସହ କଳି ଝଗଡ଼ା ନ କରି ଭଲ ଭାବରେ ମିଶି ରହିଲା ଏବଂ ସେ ବୁଝିପାରିଲା ଯେ ପ୍ରକୃତରେ ଆମେ ଯଦି କାହାରିକୁ ଖୁସି କରି ପାରିବା ନାହିଁ, ତେବେ କାହାରିକୁ ଦୁଃଖ ପହଞ୍ଚାଇବାର ଅଧିକାର ବି ଆମର ନାହିଁ । କାରଣ ଆମ ମନରେ ଦୁଃଖ ଯେତେ ରେଖାପାତ ସୃଷ୍ଟିକରେ, ଆମେ ଯଦି ଅନ୍ୟକୁ ଦୁଃଖ ଦେବା ଅନ୍ୟର ମନକୁ ମଧ୍ୟ ସେତିକି ବ୍ୟଥା ପହଞ୍ଚିଥାଏ ।


\+ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# କାଉ ଓ କୋଇଲି ?

## ପ୍ରଶାନ୍ତ କୁମାର ରାଉଳ

ଫଗୁଣେ ବଉଳ କଷି
କୁହୁ କୁହୁ ଗୀତ ଗାଉଛି କୋଇଲି
ଆମ୍ବ ଗଛ ଡାଳେ ବସି,
ଭାବୁଛି ମନରେ ସିଏ
କେଡ଼େ ମିଠା ସତେ ତାଆରି ଭାଷା
ଆସିଲା କାଉଟିଏ।

ବସିଲା ଯାଇ ତା' ପାଖ
ରାଗ ତମ ତମ ହୋଇଲା କୋଇଲି
ଶୁଣି କାଆ କାଆ ଡାକ,
ତୁମ ଭାଷା ମିଠା ନୁହେଁ
କରକଶ ସ୍ୱର ମୋ ସ୍ୱର ମଧୁର'
ଫୁଲେଇ ପିକ କହେ।

ବିନୟେ କହିଲା କାକ,
କାଆ କାଆ କାଆ କୁହୁ କୁହୁ କୁହୁ
କେ କରେ କିଚରି ମିଚିରି
ଏକ ଭାଷାଠାରୁ ଆନ ଭେଦ ବୋଲି
ମନ ଛୁଉଁଛି ସବୁରି,
କି ଲାଭ ଭାଷାରେ କଳି ?

ଭାବ ରଖି ଯିବା ଚଳି।
ଭାଷାର ମମତା ପାଇଁ ଆମେ ବଡ଼
କାହାକୁ ନ ମଣ ସାନ
କୋଳେଇ ନେବି ମୁଁ ସବୁରି ଭାଷାକୁ
ମୋ ଭାଷା ହେବ ମହାନ।

ଜଗତ ହିତ ପାଇଁ ଆସିଛୁ ଦୁହେଁ
ଅଳିଆ ଅସନା ଖୁଣ୍ଟି ଖାଏ ମୁହିଁ
ସୁମଧୁର ଗୀତେ ନିଅ ପ୍ରାଣ ମୋହି
ଭାବିଲେ ଏ କଥା କେଡ଼େ ମହତ
କି କଥା କହୁଛୁ କହ ଲୋ ମିତ ।


ଭଞ୍ଜକଲୋନୀ, ନୂଆବଜାର,
ଜଳେଶ୍ୱର, ବାଲେଶ୍ୱର
ମୋ-୮୧୪୪୮୬୪୫୮୪


# ଗାଆଁତୋଟାର ଗଛ

## ପ୍ରଶାନ୍ତ କୁମାର ଦାଶ

ଗଛ ବୁରୁଛ ଆମ ଜୀବନ
ଜୀବଜଗତ ମିତ
ସହିସେ ଝଡ଼ ବରଷା ଖରା
କରନ୍ତି ଆମ ହିତ ।

ଗଛରେ ଫୁଟେ ଫୁଲତ କେତେ
ଛୁଟଇ ତାର ବାସ
ଆଣଇ ଡାକି ବରଷା ସେତ
ହେଲେ ଆଷାଢ଼ ମାସ ।

ତୋଟା ମୂଳକେ ଗଛଟି ଥିଲେ
ଫଳଇ ଫଳ କୋଳି
ପବନେ ଝୁଲି ଖେଳନ୍ତି ପିଲେ
ମନ ହରଷେ ଦୋଳି ।

ଗଛକୁ ଦେଖି ଡାଳରେ ତାର
ଗଢ଼ଇ ପକ୍ଷୀ ନୀଡ଼
ଖରା କାଳରେ ଗଛଛାଇରେ
ଜମେ ଲୋକଙ୍କ ଭିଡ଼ ।

ଶୀତ ହଟିଲେ ବସନ୍ତ ଆସେ
କୋଇଲି ଗଛେ ବସି
କୁହୁକୁ ସୁରେ ଗୀତଟି ଗାଏ
ପିଲା ଦିଅନ୍ତି ହସି ।

ପୋତିବା ଗଛ ମାଟି ଛାତିରେ
ଦେଇ ତା ମୂଳେ ପାଣି
ଗଛତ ଦେବ ଅମଳଜାନ
ସବୁରି ମନଜାଣି ।

କାଟିବା ନାହିଁ କୁରାଢ଼ୀ ମାରି
ଗାଆଁତୋଟାର ଗଛ
ଗଛଟି ପାଇଁ ପରିବେଶଟି
ହେବ ସୁନ୍ଦର ସ୍ୱଚ୍ଛ ।


\+କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦


# ଆଜି କାମ ଆଜି କର...

## ରାମଚନ୍ଦ୍ର ବେହେରା

ସମୟ ଚାଲୁଛି ଆଗକୁ ଆଗକୁ
ପଛକୁ ସେ ଫେରେ ନାହିଁ
କାହା ପାଇଁ ସିଏ ଅପେକ୍ଷା କରେନି
ଚାଲୁଥାଏ ବ୍ୟସ୍ତ ରହି।

ସିଏ ଚାଲିଗଲେ ଆଉ ଆସେ ନାହିଁ
ସେ କାଳ ହୁଏ ଅତୀତ
ଏବେ ଚାଲିଥିବା ସମୟକୁ କୁହେ
ବର୍ତ୍ତମାନ ଏ ଜଗତ।

ଆଗକୁ ଆସିବ ଯେଉଁ ସମୟଟି
ତାହା ଅଟେ ଭବିଷ୍ୟତ
ଆସିବା ସମୟ ସୁଖମୟ ହେଉ
ତା' ପାଇଁ ସର୍ବେ ଚିନ୍ତିତ।

ସମୟ ବସେନି କାହା ସହ ମିତ
ଚାଲୁଥାଏ ନିଜ ବାଟେ
ବର୍ତ୍ତମାନକୁ ଯେ ଦେଇଥାଏ ମାନ
ଦୁଃଖ ନଆସେ ତା' ପଥେ।

ସମୟର ମୂଲ୍ୟ ଯିଏ ବୁଝିଥାଏ
ସେ ପାଏ ସଦା ବିଜୟ
ସମୟକୁ ଯିଏ ହେୟ ଜ୍ଞାନକରେ
ମିଳେ ତାକୁ ପରାଜୟ।

ସମୟଟି ବଡ ବଳବାନ ପରା
ଚାଲୁଥାଏ ନିରନ୍ତର
ସେଥିପାଇଁ ସିଏ ହସି ହସି କୁହେ
ଆଜି କାମ ଆଜି କର।


\+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬




# ଅଭ୍ୟାସ ବଳରେ

## କୀର୍ତ୍ତନ ସାହୁ

ଅଭ୍ୟାସ ବଳରେ ଆମ କୁନି ଝିଅ
ପାରୁ ଅଛି ଏବେ ଚାଲି
ଯେତେ ମନେ ମନେ ଚେଷ୍ଟା କରୁଥିଲା
ପଡ଼ି ଯାଉ ଥିଲା କାଲି।

ଅଭ୍ୟାସ ବଳରେ ଆମ ପୋଷା ଶାରୀ
ଡାକୁଅଛି ମିଟୁ ମିଟୁ
ତା ପାଖରେ ବସି କଥା ହେଉ ଅଛି
ହସି ହସି ଆମ ଟିଟୁ।

ଅଭ୍ୟାସ ବଳରେ ବାଘ ଟିଏ ଦିନେ
ସର୍କସରେ ଖେଳ କରେ
ହଜାର ହଜାର ଦର୍ଶକ ଆଗରେ
ମଜା କରି ମନ ହରେ।

ଅଭ୍ୟାସ ବଳରେ ପଙ୍ଗୁ ଲଙ୍ଘେ ଗିରି
ମୂକ କହି ପାରେ କଥା
ଅନ୍ଧ ଦିନେ ପୁଣି ପାଠ ପଢି ପାରେ
ଯାହା ପାଇଁ କାମ ଯଥା।

ଛୋଟ ବେଳୁ ଆମେ ଅଭ୍ୟାସ କରିଲେ
ସହଜ ହୋଇବ କାମ
ଭଲ କାମ କରି ଆମେରେ ନିଶ୍ଚୟ
ରଖିବା ଦେଶର ନାମ।


\+ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଟୋପାଏ ପାଣି ପାଇଁ ସଂଘର୍ଷ



ନୂଆପଡ଼ା, ୧୫/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ନଗପଡ଼ା ପଞ୍ଚାୟତ ଅପହଞ୍ଚ ଇଲାକାରେ ସିର୍ଲି ମାକରଖଲିଆ ଗାଁରେ ଦେଖିବାକୁ ମିଳିଛି ସରକାରୀ ଯୋଜନାର ବିକଳ ଚିତ୍ର। ଏଠିକାର ଲୋକେ ପାଣି ମୁନ୍ଦାଏ ପାଇଁ ତହଲବିକଳ ହେଉଥିବା ବେଳେ ଗାଁର ମହିଳା ପୁରୁଷ ସହ ଛୋଟପିଲାମାନେ ମଧ୍ୟ ସକାଳୁ ଗରା, ବାଲଟି ଧରି ୧ କିମି ଦୂର ଏକ ଚହଲା କୂଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ନୂଆପଡ଼ା ଜିଲ୍ଲା ସଦର ମହୁକମାଠାରୁ ୧୨୦ କିମି ଦୂରରେ ଅବସ୍ଥିତ ସିର୍ଲିମାକରଖଲିଆ ଗାଁ। ଗାଁରେ ସରକାରଙ୍କ ବସୁଧା ଯୋଜନା ଏବଂ ହରଘର ନଳ ଯୋଜନା ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ଗାଁରେ ଥିବା ନଳକୂପରୁ ଫ୍ଲୋରାଇଡମିଶା ପାଣି ବାହାରୁଥିବାରୁ ବିଭାଗ ପକ୍ଷରୁ ଉକ୍ତ ନଳକୂଅରେ ନଲିରଙ୍ଗରେ ଛକି ଚିହ୍ନ ମରାଯାଇଛି। ଫଳରେ ପାଣି ପାଇଁ ଲୋକେ ପ୍ରତିବର୍ଷ ସଂଘର୍ଷ କରୁଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟାର ସମାଧାନ ପାଇଁ ଲୋକେ ସରପଞ୍ଚଠୁ ଆରମ୍ଭ କରି ବିଡିଓଙ୍କୁ ବାରମ୍ବାର ଜଣାଇଥିଲେ ବି କିଛି ସୁଫଳ ପାଇ ନଥିବା ଗାଁର ମାଲ ଜଗତ, ମାଳତୀ ଜଗତ ଅଭିଯୋଗ କରିଛନ୍ତି। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଥିବାରୁ ପିଇବା ପାଣି ପାଇଁ ଗାଁ ଲୋକଙ୍କୁ ଚିନ୍ତା ମାଡ଼ି ବସିଲାଣି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ଜେଇ ଅକ୍ଷୟ ସାମଲଙ୍କୁ ପଚାରିବାରୁ ମେଗା ପ୍ରକଳ୍ପ କାମ ଚାଲିଛି, ପାଣି ସମସ୍ୟା ଶୀଘ୍ର ସମାଧାନ ହେବ ବୋଲି ସେ କହିଥିଲେ। ଜିଲ୍ଲାପାଳ ତୁରନ୍ତ ସିର୍ଲି ମାକରଖଲିଆ ଗ୍ରାମବାସୀଙ୍କୁ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ମୁଖ ଜଗତ, କେଶବ ଜଗତ ପ୍ରମୁଖ ଗ୍ରାମବାସୀ ଧମକ ଦେଇଛନ୍ତି।

# ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ଭିନ୍ନକ୍ଷମ ଯୁବତୀ ଶ୍ରୀମତୀ

ମୁଖୀଗୁଡା, ୧୫/୩ (ନି.ପ୍ର): ଆଧାର କାର୍ଡ ନଥିବା ଯୋଗୁଁ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହୋଇ ଦୁର୍ବିସହ ଜୀବନ କାଟୁଛନ୍ତି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଚିର୍କା ଗାଁର ଭିନ୍ନକ୍ଷମ ଯୁବତୀ ଶ୍ରୀମତୀ ଶବର । ତାଙ୍କ ବୟସ ୨୪, ହେଲେ ଜନ୍ମରୁ ଡାହାଣ ହାତ କହୁଣୀ ପର୍ଯ୍ୟନ୍ତ ଥିବା ବେଳେ ବହୁ ସଂଘର୍ଷମୟ ପରିସ୍ଥିତିରେ ଛୋଟରୁ ବଡ଼ ହୋଇଛନ୍ତି ଶ୍ରୀମତୀ। ଗୋଟିଏ ହାତ ନଥିଲେ ବି ଜୀବନ ପଥରେ ଆଗେଇ ଆସିଛନ୍ତି। ଗାଁ ରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ସାରିବା ପରେ ଦୀର୍ଘ ତିନି କି.ମି. ଚାଲି ଚାଲି ଜୟପାଟଣା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ । ୨୦୧୦ ମସିହାରୁ ଭିନ୍ନକ୍ଷମ ଭତା ମିଳୁଛି ସତ, କିନ୍ତୁ ଗୋଟିଏ ହାତ ପାପୁଲି ଯୋଗୁଁ ଆଧାର କାର୍ଡ ହେଉନଥିବା ହେତୁ ଉଚ୍ଚ ଶିକ୍ଷା ଓ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହୋଇ ରହିଥିବା ଅଭିଯୋଗ କରିଛନ୍ତି ଶ୍ରୀମତୀ । ଏପରିକି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ ହୋଇଥିଲେ ସୁଦ୍ଧା ଚାଉଳ ପାଇବାରୁ ବଂଚିତ ହୋଇଛନ୍ତି ଶ୍ରୀମତୀ। ତାଙ୍କ ଘରର ଆର୍ଥିକ ଅବସ୍ଥା ତାଙ୍କ ଦୁଃଖକୁ ଦୁଇଗୁଣ କରି ଦେଇଛି। ଶ୍ରୀମତୀ ବୟସରେ ଘରର ସବୁଠାରୁ ଛୋଟ ହୋଇଥିବା ବେଳେ ବଡ଼ ଭାଇ ଓ ଭଉଣୀର ବିବାହ ହୋଇସାରିଛି । ମା ବାପା, ଭାଇ ଓ ଭାଉଜ କୁଲି ମଜୁରୀ କରି ବର୍ତମାନ ଶ୍ରୀମତୀଙ୍କ ସମସ୍ତ କଥା ବୁଝୁଛନ୍ତି। ଗୋଟିଏ ହାତ ନଥିବା ହେତୁ କୌଣସି ଓଜନ କାମ କିମ୍ବା ରୋଷେଇ ମଧ୍ୟ କରି ପାରୁନାହାନ୍ତି ଶ୍ରୀମତୀ। ଆଧାର କାର୍ଡ ପାଇଁ ସେ ଭବାନୀପାଟଣା, ଧର୍ମଗଡ଼ ଓ ଜୟପାଟଣାକୁ ଅନେକ ଥର ଯାଇ ଆବେଦନ କରିଥିଲେ ସୁଦ୍ଧା କୌଣସି ଲାଭ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। ସରକାରୀ ଯୋଜନା ବିଷୟରେ ଅଜ୍ଞ ଥିବା ଶ୍ରୀମତୀଙ୍କ ପରିବାର ପାଇଁ ସବୁ ଯୋଜନା ଆଉ ବ୍ୟବସ୍ଥା ସାତ ସପନ ହୋଇଛି। ଅନ୍ୟପଟେ ଶ୍ରୀମତୀଙ୍କୁ ସରକାରଙ୍କ ତରଫରୁ ଏକ କୃତ୍ରିମ ହାତ ଯୋଗାଇ ଦେଲେ ଜୀବନରେ କିଛି ପରିବର୍ତନ ହୋଇ ପାରନ୍ତା ବୋଲି ଆଶା କରୁଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଏବେ ବି ଦ୍ୱୈତ ଭୋଟର ବ୍ୟବସ୍ଥା: କୋଟିଆରେ ୧୪ ଗୁଣା ବଢ଼ିଲେ ଆନ୍ଧ୍ର ଭୋଟର



କୋରାପୁଟ, ୧୫/୩ (ନି.ପ୍ର): ୨୦୨୧ ମସିହା ପଞ୍ଚାୟତ ନିର୍ବାଚନରେ ମାତ୍ର ୪୧୭ଜଣ ଭୋଟର ଥିଲେ। କିନ୍ତୁ ଦୁଇ ବର୍ଷ ମଧ୍ୟରେ ହଠାତ୍ ୧୪ଗୁଣ ଭୋଟର ବଢ଼ିଗଲେ। ଆଗାମୀ ନିର୍ବାଚନ ନିମନ୍ତେ ଆନ୍ଧ୍ର ପ୍ରକାଶ କରିଥିବା ଭୋଟର ତାଲିକାରେ ଏମିତି ଚକିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ୨୦୧୩ ଡିସେମ୍ବର ମାସ ସୁଦ୍ଧା ବିବାଦୀୟ ଭୂଖଣ୍ଡ କୋଟିଆରେ ୬୨୧୮ଜଣ ଭୋଟର ରହିଥିବା ଆନ୍ଧ୍ର ଦର୍ଶାଇଛି। ଏଥିରୁ ଅତିକମରେ ୮୦ପ୍ରତିଶତ ଭୋଟରଙ୍କୁ ମତଦାନ କରାଇବା ପାଇଁ ଆନ୍ଧ୍ର ପ୍ରଶାସନ ପୂରା ଜୋର ଲଗାଇଛି।

ନିର୍ବାଚନ ପୂର୍ବରୁ ପାର୍ବତୀପୁରମ ମାନ୍ୟମ ଜିଲ୍ଲା ପ୍ରଶାସନ ସାଲୁର ନିର୍ବାଚନ ମଣ୍ଡଳୀରେ ବୁଥ ସଂଖ୍ୟା ବଢ଼ାଇଛି। ଏହିକ୍ରମରେ କୋଟିଆ ପଞ୍ଚାୟତରେ ବୁଥ ସଂଖ୍ୟା ୩ରୁ ୭କୁ ବୃଦ୍ଧି କରିଛି। ସଦ୍ୟ ପ୍ରକାଶିତ ବୁଥ ଏବଂ ଭୋଟର ତାଲିକା ଅନୁସାରେ ନାରେଡିବାଲସା-୧ ବୁଥରେ ୮୩୫ଜଣ ଭୋଟର ଅଛନ୍ତି। ସେହିପରି ନାରେଡିବାଲସା-୨ ବୁଥରେ ୧୦୯୦, କୁରୁପୁଟି-୧ ବୁଥରେ ୧୦୫୪, କୁରୁକୁଟି-୨ ବୁଥରେ ୧୦୫୪, ଶିଖାପୁରୁବୁ ବୁଥରେ ୧୦୨୪, ଡି. ଭାଲଗାଭାଲସା ବୁଥରେ ୩୪୧ ଏବଂ ମୋକସା ଦଣ୍ଡିଗାମ୍ ବୁଥରେ ୮୯୦ଜଣ ଭୋଟର ରହିଛନ୍ତି। ଏପରିକି ଏହି ଭୋଟରଙ୍କୁ ଆନ୍ଧ୍ର ଯେଉଁ ଭୋଟର ପରିଚୟ ପତ୍ର ଦେଇଛି ସେଥିରେ ଭୋଟରଙ୍କ ନାଁ, ବୟସ, ଠିକଣା ବ୍ୟତୀତ ଘର ନମ୍ବର, ଗୁଗଲ ମ୍ୟାପ୍, ନାଜରି ମ୍ୟାପ୍, ବୁଥ୍ ମ୍ୟାପ୍, କାର୍ଡ ଭିୟୁ ଏବଂ କିକାର୍ଡ ଭିୟୁ ଆଦି ରହିଛି।

ଉପରୋକ୍ତ ସମସ୍ତ ବୁଥରେ ଆନ୍ଧ୍ରର ଯେଉଁ ଭୋଟର ରହିଛନ୍ତି ସମସ୍ତେ ଓଡ଼ିଶାର ବାସିନ୍ଦା। ଓଡ଼ିଶା ପକ୍ଷରୁ ଭୋଟର ପରିଚୟ ଦିଆଯାଇତିଲା ବେଳେ ଓଡ଼ିଶାର ପ୍ରତ୍ୟେକ ନିର୍ବାଚନରେ ଭାଗ ନେଉଛନ୍ତି। ତେଣୁ ସମାନ ନାଁରେ ଦ୍ୱିତୀୟ ଥର ଭୋଟର ପଞ୍ଜୀକରଣ ସମୟରେ କାଳେ ସମସ୍ୟା ହେବ ବୋଲି ଆନ୍ଧ୍ର ନୂଆ କାରସାଦି କରିଛି। ଯେମିତି ପ୍ରତ୍ୟେକ ଭୋଟରଙ୍କ ସାଙ୍ଗିକୁ ପ୍ରଥମେ ଉଲ୍ଲେଖ କରି ପରେ ନାଁକୁ ଲେଖାଯାଇଛି। ଏଭଳି କରିବା ଦ୍ୱାରା ଭୋଟର ପଞ୍ଜୀକରଣ ପୋର୍ଟାଲରେ କୌଣସି ସମସ୍ୟା ହୋଇନଥାଏ ବୋଲି ଜଣାପଡ଼ିଛି। ସେହିପରି ଭୋଟର ସଂଖ୍ୟା ବଢ଼ାଇବା ପାଇଁ ବହୁ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ପ୍ରାୟ ୬ମାସ ତଳେ ଆଧାର କାର୍ଡ ପଞ୍ଜୀକରଣ ଆଳରେ ନୂଆ ଭୋଟର ତାଲିକା ପ୍ରସ୍ତୁତ କରିଥିଲା। ଯଦି ଏହି ଷଡ଼ଯନ୍ତ୍ରର ପଦାଫାସ ହୁଏ ତେବେ ସମସ୍ୟା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଗୋପନ ରଖିଥିଲା। ନିର୍ବାଚନର ଠିକ୍ ପୂର୍ବରୁ ଉଜାଗର କରିଛି।

ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ମାସରେ ଓଡ଼ିଶା ପକ୍ଷରୁ ସଂଶୋଧିତ ହୋଇ ପ୍ରକାଶ ପାଇଥିବା ତାଲିକାରେ ୬୬୬୪ ଭୋଟର ଅଛନ୍ତି। ସେଥିରୁ କୋଟିଆରେ ୫୧୦ଜଣ, ଉପରକାଣ୍ଟିରେ ୧୧୬୨, ତଳକାଣ୍ଟିରେ ୨୮୬, ଫଗୁଣସିନେରୀରେ ୫୯୮, ମାଡକାରରେ ୩୩୫, ଗଞ୍ଜେଇପଦରରେ ୭୬୯, ଗୁମେଲପଦରରେ ୬୦୮, ଥୁରିଆରେ ୮୬୦, ଟାଉପଦରରେ ୯୫୨ ଓ ରଣାସିଂରେ ୫୮୪ଜଣ ଭୋଟର ଅଛନ୍ତି।

## ବରୁଣେଇ ପୀଠରେ ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକେୟନ ପାଣ୍ଡିଆନ

ଖୋର୍ଦ୍ଧା, ୧୫/୩ (ନି.ପ୍ର): ଗୁରୁବାର ସକାଳୁ ଖୋର୍ଦ୍ଧା ବରୁଣେଇ ପୀଠରେ ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକେୟନ ପଣ୍ଡିଆନ ପହଂଚିଥିଲେ । ଆଜି ଭୋରରୁ ବରୁଣେଇରେ ପହଂଚି ବିକାଶର ଅନୁଧ୍ୟାନ କରିଥିଲେ। ଭୋର ସାଢେ ୫ଟାରେ ଖୋର୍ଦ୍ଧାର ମା ବରୁଣେଇ ମନ୍ଦିରରେ ପହଂଚି ମା ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ସେ ବେଢା ପରିକ୍ରମା କରିଥିଲେ। ପରେ ମନ୍ଦିରର ରୂପାନ୍ତରଣ ନେଇ ବରିଷ୍ଠ ଅଧିକାରୀ ଓ ମନ୍ଦିର ସେବାୟତଙ୍କ ସହ ଆଲୋଚନା କରିଥିଲେ। ତେବେ ଐତିହାସିକ ବରୁଣେଇରେ ଭକ୍ତଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦେବା ସହ ମନ୍ଦିରର ଉନ୍ନତିକରଣ ପାଇଁ ଟିକିନିଖି ଭାବେ ଅନୁଧ୍ୟାନ କରିଛନ୍ତି । ମନ୍ଦିର ଚତୁରପାର୍ଶ୍ୱ ବୁଲି ଦେଖିବା ସହ କିଭଳି ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ପୀଠରେ ଥିବା ସୀତା କୁଣ୍ଡ, ବରୁଣେଇ ପାହାଡ଼ ଶିଖରକୁ ଯିବା ପାଇଁ ରାସ୍ତା, ରୋପୱେ ଇତ୍ୟାଦି କାର୍ଯ୍ୟର ଅନୁଧ୍ୟାନ କରିଥିଲେ।

ତେବେ ବରୁଣେଇ ମନ୍ଦିରର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ଫାଇଭ-ଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

# ବାଲେଶ୍ୱର ଉପକୂଳରେ ଡଲ୍‌ଫିନ୍: ଅନୁକୂଳ ପରିବେଶ ହେଲେ ସଂଖ୍ୟା ବଢ଼ିବ



ବାଲେଶ୍ୱର, ୧୫/୩ (ନି.ପ୍ର): ଡଲ୍‌ଫିନ୍‌କୁ ସାମାଜିକ ଓ ବିଚକ୍ଷଣ ପ୍ରାଣୀ ଭାବେ ବିଚାର କରାଯାଏ। ଯାହାକୁ ଦେଖିବା ପାଇଁ ସଭିଁଙ୍କ ମନରେ ରହିଥାଏ ଆଗ୍ରହ। ଓଡ଼ିଶା ଉପକୂଳର ଏକାଧିକ ଅଞ୍ଚଳରେ ଡଲ୍‌ଫିନ୍‌ଙ୍କ ଉପସ୍ଥିତି ରାଜ୍ୟ ପର୍ଯ୍ୟଟନ ଶିଳ୍ପ ଇତିହାସକୁ ସମୃଦ୍ଧ କରି ଆସିଥିବା ବେଳେ ଏବେ ବାଲେଶ୍ୱରକୁ ନେଇ ସେଥିରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ଅଧୀନରେ ରହିଛି ଚାନ୍ଦିପୁର, ଜଳେଶ୍ୱର ଓ ନୀଳଗିରି ଫରେଷ୍ଟ ରେଞ୍ଜ। ଏହି ରେଞ୍ଜ ଅନ୍ତର୍ଗତ ସମୁଦ୍ର ଉପକୂଳ ତାଳସାରୀ-ଚୌମୁଖ ସୁବର୍ଣ୍ଣରେଖା ମୁହାଣ, ବଳରାମଗଡ଼ି-କାଂଶବାଂଶ ନଦୀ ମୁହାଣ, ବଳରାମଗଡ଼ି-ଚୌମୁଖ ମୁହାଣ ଏବଂ ସାହୁପଡ଼ା-ଖଣ୍ଡରପଡ଼ା ଅଞ୍ଚଳରେ କିଛି ବର୍ଷ ହେଲା ଡଲ୍‌ଫିନ୍ ଦେଖାଯାଉଛନ୍ତି। ୨୦୧୫ରେ ତାଳସାରୀ-ଚୌମୁଖ ସୁବର୍ଣ୍ଣରେଖା ମୁହାଣରେ ୫ଟି, ୨୦୧୮ରେ ତାଳସାରୀ-ଚୌମୁଖ ସୁବର୍ଣ୍ଣରେଖା ମୁହାଣ ମଧ୍ୟରେ ୪ଟି, ୨୦୧୯ରେ ତାଳସାରୀ-ଚୌମୁଖ ସୁବର୍ଣ୍ଣରେଖା ମୁହାଣ ମଧ୍ୟରେ ୫ଟି ଏବଂ ୨୦୨୦ରେ ତାଳସାରୀ-ଚୌମୁଖ ସୁବର୍ଣ୍ଣରେଖା ମୁହାଣ ମଧ୍ୟରେ ଗୋଟିଏ ଡଲ୍‌ଫିନ୍ ଦେଖିବାକୁ ମିଳିଥିଲା। ୨୦୨୧ରେ ତାଳସାରୀ-ଚୌମୁଖ ସୁବର୍ଣ୍ଣରେଖା ମୁହାଣ ମଧ୍ୟରେ ୨ଟି ଡଲ୍‌ଫିନ୍ ଦେଖାଯାଇଥିବା ବେଳେ କଙ୍କଡ଼ାପାଳ ମୁହାଣ ନିକଟରୁ ଗୋଟିଏ ଡଲ୍‌ଫିନ୍ ଉଦ୍ଧାର ହୋଇଥିଲା। ସେହିପରି ଚାନ୍ଦିପୁର ସମୁଦ୍ର ବେଳାଭୂମିରୁ ଡଲ୍‌ଫିନ୍‌ର ମୃତଦେହ ମିଳିଥିଲା। ଗତ ଜାନୁଆରି ମାସ ୧୮ ତାରିଖ ଦିନ ବସ୍ତା ବ୍ଲକ୍ ଜଳକା ନଦୀରୁ ଗୋଟିଏ ଡଲ୍‌ଫିନ୍‌କୁ ଉଦ୍ଧାର କରାଯାଇଥିଲା। ତାକୁ ଏକ ପୋଖରୀରେ ରଖାଯାଇଥିବା ବେଳେ ସମୁଦ୍ରରେ ଛାଡ଼ିବା ବେଳେ ମୃତ୍ୟୁ ଘଟିଥିଲା। କେବଳ ସେତିକି ନୁହେଁ, ଗତ ୧୦ ତାରିଖରୁ ବନ ବିଭାଗର ଏକ ଟିମ୍ ପକ୍ଷୀ ଗଣନା କରୁଥିବା ବେଳେ ସଦସ୍ୟ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ ଓ ସାଥୀ ସୁବର୍ଣ୍ଣରେଖା ନଦୀ ମୁହାଣରେ ୫ଟି ଡଲିଫିନ୍ ଦେଖିଥିଲେ। ସେମାନେ ଉଠାଇଥିବା ଡଲ୍‌ଫିନ୍‌ମାନଙ୍କ ଫଟୋ ମଧ୍ୟ ଗଣମାଧ୍ୟମକୁ ପ୍ରଦାନ କରିଥିଲେ। ଏହାର କେଇଟା ଦିନ ପରେ ଜାନୁଆରି ୨୦ ତାରିଖରୁ ବାଲେଶ୍ୱରର ୩ଟି ରେଞ୍ଜ ଅଧୀନ ସମୁଦ୍ର ଉପକୂଳରେ ଡଲ୍‌ଫିନ୍ ଗଣନା ଆରମ୍ଭ ହୋଇ ୨୨ ତାରିଖ ଦିନ ସରିଥିଲା। ହେଲେ, ଗୋଟିଏ ବି ଡଲ୍‌ଫିନ୍ ଠାବ ହୋଇ ପାରି ନଥିଲା। ତେବେ କୋହଲା ପାଗ ସହ ବର୍ଷା ଲାଗି ରହିଥିବାରୁ ଉକ୍ତ ସମୟରେ ଡଲ୍‌ଫିନ୍ ଦେଖାଯାଇ ନଥିବା ବାଲେଶ୍ୱର ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏନେଇ ପରିବେଶବିତ୍ ମନୋରଂଜନ ଦାସ କହିଛନ୍ତି, ଡଲ୍‌ଫିନ୍‌କୁ ନେଇ ବାଲେଶ୍ୱର ପର୍ଯ୍ୟଟନର ବିକାଶ ସମ୍ଭାବନା ସୃଷ୍ଟି ହୋଇଛି। ସମୁଦ୍ର ଉପକୂଳରେ କିପରି ଡଲ୍‌ଫିନ୍‌ଙ୍କ ପାଇଁ ଅନୁକୂଳ ପରିବେଶ ପ୍ରସ୍ତୁତ କରାଯାଇ ପାରିବ, ସେନେଇ ସରକାର ସ୍ୱତନ୍ତ୍ର ଯୋଜନା ହାତକୁ ନେବା ଦରକାର ବୋଲି ସେ କହିଛନ୍ତି।

# ଦହପଡ଼ା କ୍ରିକେଟ୍ ଲିଗ୍ ଉଦ୍‌ଯାପିତ: ଆଟାକ୍ ଇଲେଭେନ୍ ବିଜୟୀ



ବାଲେଶ୍ୱର , ୧୫/୩ (ନି.ପ୍ର): ରେମୁଣା ବ୍ଲକ ଅନ୍ତର୍ଗତ ଦହପଡା କ୍ରିକେଟ୍ ଗ୍ରାଉଣ୍ଡରେ ଚାଲିଥିବା ଦଶ ଦିନିଆ 'ଦହପଡ଼ା କ୍ରିକେଟ୍ ଲିଗ୍' ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଆଟାକ୍ ଇଲେଭେନ୍ ଓ ରାଇଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଡବଲ ଇନିଂସ୍ ଫର୍ମୁଲାରେ ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଇଜିଂଷ୍ଟାର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ଆଟାକ୍ ଇଲେଭେନ୍ ୧୦ ଓଭରରେ ୮୮ରନ୍ କରିଥିବା ବେଳେ ରାଇଜିଂଷ୍ଟାର ୯୭ରନ୍ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଆଟାକ୍ ଇଲେଭନ୍ ୫ଓଭର ବ୍ୟାଟିଂ କରି ୭୯ରନ୍ କରିଥିଲା । ୭୧ରନ୍‌ର ବିଜୟ ଲକ୍ଷ ନେଇ ରାଇଜିଂ ୪୦ରନ୍ ସଂଗ୍ରହ କରିଥିଲା । ଫଳରେ ଆଟାକ୍ ଇଲେଭେନ୍ ବିଜୟୀ ହୋଇଥିଲା । ଫଳରେ ଆଟାକ୍ ଇଲେଭନ୍‌କୁ କପ୍ ସହ ୨୭ହଜାର ଟଙ୍କା ଓ ରନ୍‌ର୍ସଅପ୍ ଟିମ୍‌କୁ କପ୍ ସହ ୨୨ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ତଥା ଅବସରପ୍ରାପ୍ତ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ସୁଦର୍ଶନ ବେହେରା । ଏହି ଅବସରରେ ଆଟାକ୍ ଇଲେଭେନ୍‌ର ବାପୁନୁ ପରିଡ଼ା ୫୦ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ସେହିପରି ମ୍ୟାନ୍ ଅଫ୍‌ଦି ସିରିଜ୍ ଭାବେ ୨୭୦ରନ୍ କରିଥିବା ମଂଟୁ ମହାକୁଡ୍‌ଙ୍କୁ ଏକ ସାଇକେଲ୍ ଉପହାର ପ୍ରଦାନ କରାଯାଇଛି । ଲିଗ୍‌ରେ ଉତମ ବ୍ୟାଟିଂ କରିଥିବା ଗୁରୁଦିପୁନ୍‌ଙ୍କୁ ଏକ କ୍ରିକେଟ୍ ବ୍ୟାଟ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦଶ ଦିନିଆ ଲିଗ୍‌ମ୍ୟାଚ୍‌କୁ ଦହପଡ଼ା କ୍ରିକେଟ୍ ଲିଗ୍‌ର ସଭାପତି ଚନ୍ଦନ ତରାଇ, ହେମନ୍ତ ପ୍ରଧାନ, ମିଳନ ତରାଇ, ଆଲୋକ ତରାଇ, ସୁଜିତ୍ ତରାଇ, ମାନସ ପ୍ରଧାନ, ଦିପକ ମହାଳିକ, ରିପନ୍ ବିଶ୍ୱାଳ, ରାଜେଶ୍ ପ୍ରଧାନ, ସିଦ୍ଧାନ୍ତ ପାତ୍ର, ସୁଶାନ୍ତ ମହାଳିକ, ବନ୍ଦିସ୍ ବେହେରା, ରାକେଶ ବେହେରା, ତୁସାର ପ୍ରଧାନ ପ୍ରମୁଖ ମ୍ୟାଚ୍‌କୁ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଜିର ମ୍ୟାଚ୍‌କୁ ଅମ୍ପାୟାରଭାବେ ଚକାଡୋଳା ପ୍ରଧାନ ଓ ଚନ୍ଦନ ତରାଇ ପରିଚାଳନା କରିଥିଲେ ।

# ଥମୁନି ଦାଦନ ଦୁଃଖ, ମୁକ୍ତି ପାଇଁ ଗୁହାରି: ତେଲେଙ୍ଗାନାରେ ଅକଥନୀୟ ନିର୍ଯାତନା



ବଲାଙ୍ଗୀର, ୧୫/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଦାଦନ ଚାଲାଣ ହେବା ଦିନଠୁ ଗୋଟିଏ ପରେ ଗୋଟିଏ ଦୁଃଖଦ ଘଟଣା ସାମ୍ନାକୁ ଆସୁଛି। କେତେବେଳେ ଦାଦନ ଶବ ହୋଇ ଫେରୁଛି, ତ କେତେବେଳେ ମାଲିକର ନିର୍ଯାତନାର ଖବର ସୁଦୂର ଇଲାକାରୁ ଆସୁଛି। ଇତିମଧ୍ୟରେ ତେଲେଙ୍ଗାନାର ପାଏଦାପାଲି ଅଞ୍ଚଳର ଇଟାଭାଟିରେ ଜିଲ୍ଲାର ଦାଦନମାନେ ଫସି ରହିଥିବା ଖବର ଆସୁଛି। ସେମାନଙ୍କୁ ସେଠାରେ ମାଡ୍‌ପିଟ୍ କରାଯାଉଥିବା ପରିବାରବର୍ଗ ଖବରପାଇ ମୁକ୍ତି ପାଇଁ ଗୁହାରି କରିଛନ୍ତି। ସୂଚନା ମୁତାବକ, ଗତ ବର୍ଷ ଅକ୍ଟୋବରରେ ଉଡ଼ିଆପାଲିର ଧ୍ରୁବଲେ ନାଗ ଓ ସ୍ତ୍ରୀ ଉଷା ନାଗଙ୍କୁ ଭୁଲାଇ କିଛି ଦଲାଲ ତେଲେଙ୍ଗାନାକୁ ନେଇ ଯାଇଥିଲେ। ଭାଟି ମାଲିକ ଅନିଲ ଦୁଗେଲଙ୍କଠାରୁ ୫ଲକ୍ଷ ଟଙ୍କା ନେଇ କାନୁଟ୍ ଗାଁର ତପନ ମହାନନ୍ଦ ଏବଂ ପାଡ଼େଲର ଅର୍ଜୁନ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଉଭୟ ଦମ୍ପତିଙ୍କୁ ସେଠାରେ ମାଡ୍‌ପିଟ୍ ସହ ବହୁ ନିର୍ଯାତନା ଦିଆଯାଉଥିବା ପରିବାରବର୍ଗ କହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ସିନଖମନ ଗାଁର ବି କିଛି ଦାଦନ ଫସି ରହିଥିବା କହାଯାଉଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର ପାଇଁ ଦାବି ହୋଇଛି।

# ଚିଲିକାକୁ ବିପଦ 'ନଳଘାସ'ର ନିଆଁ: ବୁଡ଼ିଯିବେ ବାଘାଡ଼ି, ମାଗୁର, ଗଡ଼ିଶା ବଂଶ !

ଟାଙ୍ଗୀ, ୧୫/୩ (ନି.ପ୍ର): ଚିଲିକାକୁ ବିପଦ ନଳଘାସ। କେଇଟା ବର୍ଷ ତଳେ ଚିଲିକାରେ ଆବିର୍ଭାବ ହୋଇଥିବା ଏ ଘାସ ବଂଶଟି କେବଳ ଚିଲିକାର ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ଠିଆ କରିନାହିଁ, ବରଂ ଗ୍ରୀଷ୍ମ ଦିନେ ନଳଘାସରେ ନିଆଁର ସଂଯୋଗ ଏମିତି ହୁତ୍‌ହୁତ୍ ହୋଇ ଜଳିଲାଣି ଯେ, ନଳଘାସ ମୂଳେ ନିଜର ବଂଶ ବଢ଼ାଉଥିବା ବାଘାଡ଼ି ବଂଶ ପାଇଁ ବି ବିପଦ ଘନେଇଲାଣି। ଚିଲିକାର ଏହି ମୂଲ୍ୟବାନ ଜୀବଟି ପାଇଁ ନଳର ନିଆଁ ବିପଦପୂର୍ଣ୍ଣ ହୋଇନାହିଁ, ତା' ସହିତ କଉ, ମାଗୁର, ଗଡ଼ିଶା ଏବଂ ତୋଡ଼ି ଭଳି ମୂଲ୍ୟବାନ ମାଛକୁ ବିପଦ ଘନେଇଲାଣି। ଚିଲିକା ହ୍ରଦ ସାରା ଆସ୍ଥାନ ଜମାଇ ଥିବା ନଳଘାସର କୌଣସି ସ୍ଥାୟୀ ସମାଧାନ କରା ନଗଲେ, ଆଗକୁ ପରିବେଶ ପାଇଁ ଏକ ବଡ଼ ବିପଦ ଠିଆ କରିବ, ଏବେଠୁ ତାହା ଜଳଜଳ ଦିଶିଲାଣି। ସୂଚନା ମୁତାବକ, ଏ ସମସ୍ୟା ବେଶି ଉପୁଜିଛି ଚିଲିକା ଉପକୂଳ ହାଟବରଡ଼ିଠାରୁ ଭୁଷଣ୍ଡପୁର ଯାଏ। ଏହି ଅଞ୍ଚଳରେ ନଳଘାସ ବିସ୍ତାର ପ୍ରବଳ ମାତ୍ରାରେ ହେଲାଣି। ନଳଘାସ ଯୋଗୁ ଚିଲିକାର ସୌନ୍ଦର୍ଯ୍ୟ ଖସିଲାଣି ଏବଂ ମତ୍ସ୍ୟଜୀବୀଙ୍କର ଆର୍ଥିକ ସଂକଟ ତିଆରି କଲାଣି। ଏ ନଳଘାସ ଦେଇ ଡଙ୍ଗା ନେବା ଆଣିବା କଷ୍ଟକର ହୋଇପଡୁଥିବା ବେଳେ ଏ ନଳଘାସକୁ ହଟାଇବା ପାଇଁ ଗ୍ରୀଷ୍ମ ଋତୁ ହେଉଛି ଏକ ପ୍ରମୁଖ ସମୟ। ଏହି ସମୟରେ ଘାସ ପ୍ରାୟ ଶୁଖିଲା ପଡୁଥିବା ବେଳେ ସ୍ଥାନୀୟ କିଛି ଲୋକ ନିଜ ସୁବିଧା ପାଇଁ ଘାସରେ ନିଆଁ ଲଗାଇ ଦେଲେଣି। ଫଳ ସ୍ୱରୂପ, ନିଆଁ ହୁତ୍‌ହୁତ୍ ହୋଇ ଜଳୁଛି। ଶୁଖିଲା ନଳଘାସ ସହିତ ସବୁଜ ଘାସ ବି ଜଳି ଦୂରଯାଏ ଛାରଖାର ହେଉଛି। ଏହାଦ୍ୱାରା ନଳଘାସ ସମୂଳେ ନାଶ ହେଉ ନାହିଁ, ବରଂ ସାମୟିକ ନଷ୍ଟ ହେଉଛି, ଯାହାର ପ୍ରଭାବ ପରିବେଶ ଉପରେ ଢେର ପଡୁଛି। ଏ ନିଆଁ ଦ୍ୱାରା ବେଶି ପ୍ରଭାବିତ ହେଉଛନ୍ତି, ନଳଘାସ ବୁଦା ମୂଳେ ରହୁଥିବା ବାଘାଡ଼ି ବଂଶ। ଏହା ଏକ ମାଛ ଖିଆ ବିଲେଇ ପ୍ରଜାତିର ପଶୁ। ଚିଲିକାରେ ହିଁ ଏ ବଂଶଜଙ୍କୁ ଦେଖିବାକୁ ମିଳେ। ଯାହା



ଧୀରେଧୀରେ ଲୋପପାଇବାକୁ ବସିଲାଣି। ପୂରା ନଳଘାସର ବୁଦା ହୁତ୍‌ହୁତ୍ ହୋଇ ଜଳିବା ଦ୍ୱାରା ସେମାନଙ୍କ ପାଇଁ ବିପଦ ଘନେଇଛି। ଦ୍ୱିତୀୟ ବିପଦ ହେଉଛି, ଉପରୋକ୍ତ ମାଛ ପ୍ରଜାତି ପାଇଁ। ଏହି ସବୁ ମାଛ ଚିଲିକାରେ ରୁହନ୍ତି। ବିଶେଷ କରି ନଳଘାସ ବୁଦା ମୂଳେ ବାସ କରନ୍ତି। ନଳଘାସରେ ନିଆଁ ଲାଗିବା ଯୋଗୁ ଏ ମତ୍ସ୍ୟ ସମ୍ପଦ ପାଇଁ ମଧ୍ୟ ବିପଦ ଘନେଇଛି । କେବଳ ସେତିକି ନୁହେଁ, ନଳଘାସ ପୋଡ଼ିବା ଯୋଗୁ ବାୟୁ ପ୍ରଦୂଷଣ ବି ହେଉଛି। ଘାସରୁ ବାହାରୁଥିବା ପାଉଁଶ ବହୁ କିଲୋମିଟର ବ୍ୟାପୀ ଉଡୁଛି। ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଚାଳକଙ୍କ ପାଇଁ ମଧ୍ୟ ଏହା ସମସ୍ୟା କଲାଣି। ତେଣୁ ନଳଘାସର ସାମୟିକ ସମାଧାନ ପରିବର୍ତ୍ତେ ସ୍ଥାୟୀ ସମାଧାନ କରାଯିବା ଜରୁରି ହୋଇପଡ଼ିଛି।

# ୧୬ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ମାନଙ୍କୁ ଲ୍ୟାପଟପ ବଣ୍ଟନ



ବାରିପଦା , ୧୫/୩ (ନି.ପ୍ର): ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଭୂତି ଭୂଷଣ ନାୟକଙ୍କ ଦ୍ୱାରା ଜିଲ୍ଲାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୧୬ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ମାନଙ୍କୁ ଭାରତ ସରକାରଙ୍କ ଷ୍ଟାର୍ସ ପ୍ରକଳ୍ପ ରୁ ପ୍ରଦତ୍ତ ଲ୍ୟାପଟପ ସହିତ କଥନ ପୁସ୍ତକ ବଣ୍ଟନ କରାଯାଇଛି। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ଶ୍ରୀଯୁକ୍ତ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶ୍ରୀମାନ ବାବୁଲି ନାୟକ, ବେତନଟୀ ବ୍ଲକ ଅନ୍ତର୍ଗତ ମହାରାଜା ପୂର୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ମାନସ ରଞ୍ଜନ ଜେନା, ବିଶୋଇ ବ୍ଲକ ଅନ୍ତର୍ଗତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ମେଘରାୟ ସୋରେନ, ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶ୍ରୀମାନ କୌଶିକ ବେହେରା, କପ୍ତିପଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନୂଆସାହିର ଛାତ୍ର ଶ୍ରୀମାନ ସୁଜିତ କୁମାର ବେହେରା, କରଞ୍ଜିଆ ବ୍ଲକ ଅନ୍ତର୍ଗତ ରଘୁନାଥ କଲେଜ, କାର୍ଦ୍ଦିହାର ଛାତ୍ର ଶ୍ରୀମାନ ଭକ୍ତବନ୍ଧୁ ମହାନ୍ତ, ଚଢେଇଭୋଳ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ଏମ ଡି ନିଜାମ, ମୋରଡା ବ୍ଲକ ଅନ୍ତର୍ଗତ ଚିତ୍ରଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଯମୁନା ଟୁଡୁ, ରାସଗୋବିନ୍ଦ ପୁର ବ୍ଲକ ଅନ୍ତର୍ଗତ ସହିଦ ମୋମୋରିଆଲ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଅର୍ଚ୍ଚନା ମହାନ୍ତ, ବାଇଧର ବିଦ୍ୟାପୀଠ, ରାସଗୋବିନ୍ଦ ପୁରର ଛାତ୍ର ଶ୍ରୀମାନ ବିବେକ ମୁଖୀ, ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁରର ଛାତ୍ର ଶ୍ରୀମାନ ରତନ ମୁର୍ମୁ, ସାରସକଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିରଷାର ଛାତ୍ର ଶ୍ରୀମାନ ଜ୍ଞାନରଞ୍ଜନ ନାଏକ, ଚୈତନ୍ୟ ପ୍ରସାଦ ମାଝି ଉଚ୍ଚ ବିଦ୍ୟାଳୟ ପୋଡାସିଆର ଛାତ୍ର ଶ୍ରୀମାନ ମୃତୁଞ୍ଜୟ ମହାନ୍ତ, ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କାଳିଆପୋସି ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ମିଥୁନ ବେହେରା, ତିରିଙ୍ଗ ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେଙ୍ଗାଲବେଡ଼ାର ଛାତ୍ର ଶ୍ରୀମାନ ସୁରଦାସ ବାଦ୍ରା ଓ ଉଦଳା ବ୍ଲକ ଅନ୍ତର୍ଗତ ରାଡୋ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ଆୟୁଷ୍ମାନ ବେହେରା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଲାପଟପ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ବାଙ୍ଗିରିପୋଷି ବ୍ଲକର ଗୋଷ୍ଠୀ ସାଧନ କର୍ମୀ ଶ୍ରୀ ବିରେନ୍ଦ୍ର କୁମାର ସାହୁ, ଉଦଳା ବ୍ଲକର ଗୋଷ୍ଠୀ ସାଧନ କର୍ମୀ ଶ୍ରୀ ନିର୍ମଳ ଚନ୍ଦ୍ର ସାହୁ ସହଯୋଗ କରିଥିଲେ ।

# ଉଦଳାରେ ଅପୂର୍ବ ଦୃଶ୍ୟ: ଇନ୍ଦିରାଗାନ୍ଧୀଙ୍କ ପାଇଁ ଏକାଠି ହେଲେ ବିଜେପି, ବିଜେଡ଼ି ଓ କଂଗ୍ରେସ



ଉଦଳା , ୧୫/୩ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ଉଦଳାରେ ଏହାର ପାଣିପାଗ ଦିନକୁ ଦିନ ବଦଳିବାରେ ଲାଗିଛି । ସେହିପରି ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି । ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟଟି ସମଗ୍ର କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ଅଟେ । ଏହି ମହାବିଦ୍ୟାଳୟର ନୂତନ ଛାତ୍ରୀ ନିବାସ ଓ ମହାବିଦ୍ୟାଳୟ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ୬ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି । ଏଥିପାଇଁ ସହରର ୱାର୍ଡ଼ ନଂ-୯ ଠାରେ ୨ ଏକର ଜମି ଯୋଗାଇ ଦିଆଯାଇଛି । ଚଳିତ ମାର୍ଚ୍ଚ ୧୩ ତାରିଖ ବୁଧବାର ଦିନ ଏହାର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ତେବେ ଆଶ୍ଚର୍ଯ୍ୟଜନକ ଭାବରେ ଉଦଳାରେ କାର୍ଯ୍ୟରତ ବିଭିନ୍ନ ରାଜନୈତିକ ଦଳ ଯଥା- ବିଜେପି, ବିଜେଡ଼ି ଓ କଂଗ୍ରେସ ର ନେତୃବୃନ୍ଦ ଏହି ଉତ୍ସବରେ ଯୋଗଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସମସ୍ତେ ଏକାଠି ହେବା ସହିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶୃତି ଦେଇଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କପ୍ତିପଦାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲିଭୋଳ, ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଯଜ୍ଞନାରାୟଣ ମହାନ୍ତି , ଆଇନଜୀବି ବସନ୍ତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ ସମସ୍ତଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ତେବେ ଆଜିର ଏହି ଦୃଶ୍ୟଟି ଇନ୍ଦିରାଗାନ୍ଧୀଙ୍କ ପାଇଁ ଉଦଳାରେ ବିଜେପି, ବିଜେଡ଼ି ଓ କଂଗ୍ରେସ ଏକାଠି ହେଲେ ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି ।

# ପାଣି ସମସ୍ୟା ନେଇ ପିଏଚଡି ଅଫିସ ଆଗରେ ଧାରଣା



ନୀଳଗିରି, ୧୫/୩ (ନି.ପ୍ର): ପାଣି ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ଘେରିବା ସହ ଧାରଣା ଦେଲେ ଗ୍ରାମବାସୀ। ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ୧୩ ନମ୍ବର ୱାର୍ଡ ଗୋପୀନାଥପୁର ନୂଆସାହି ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବାରମ୍ବାର ଅଭିଯୋଗ ପରେବି ନଶୁଣିବାରୁ ଆଜି ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିବା ସହ ଅଫିସ ସାମ୍ନାରେ ଧାରଣା ଦେଲେ ୱାର୍ଡ ଲୋକେ। ପାନୀୟ ଜଳ ପ୍ରକଳ୍ପରେ ପାଇପ ସଂଯୋଗ ହୋଇଥିଲେବି ସେଥିରେ ଗାଁର ଅଧେ ଅଞ୍ଚଳକୁ ପାଣି ଆସୁନଥିବା ଅଭିଯୋଗ ହୋଇ ଆସୁଥିଲା । ଯେତିକ ଅଞ୍ଚଳକୁ ବି ପାଣି ଆସୁଛି ସମୟ ଅନୁସାରେ ବି ସଠିକ ପରିମାଣର ଆସୁନଥିବା ବେଳେ ଏହାର ପ୍ରତିକାର କରିବା ପାଇଁ ବାରମ୍ବାର ଅଭିଯୋଗ ପରେବି କୌଣସି ସୁଫଳ ନମିଳିବାରୁ ଆଜି ନୀଳଗିରି ବସଷ୍ଟାଣ୍ଡ ନିକଟ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିବା ସହ କାର୍ଯ୍ୟଳୟ ଆଗରେ ଧାରଣାରେ ବସିଛନ୍ତି ଲୋକେ । ପରେ ଏହାର ପ୍ରତିକାର କରିବା ପାଇଁ ବିଭାଗୀୟ ଅଧିକାରୀ ପ୍ରତିଶୃତି ଦେବାରୁ ଧାରଣା ପ୍ରତ୍ୟାହାର ହୋଇଛି ।

# ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଚାଲାଣକୁ କେନ୍ଦ୍ର କରି ରାସ୍ତା ରୋକ୍

ବାଲିଆପାଳ, ୧୫/୩ (ନି.ପ୍ର): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ର କରି ବାଲିଆପାଳ - କମର୍ଦ୍ଦା ମୁଖ୍ୟ ରାସ୍ତାର ଛୋଟଖାନପୁର ଠାରେ ଟାୟାର ଜାଳି ରାସ୍ତାରୋକ୍ କଲେ ଗ୍ରାମବାସୀ । ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ କରା ଯାଇଛି । ସୁଚନା ଅନୁଯାୟୀ ବାଲିଆପାଳ ଥାନା ଅନ୍ତର୍ଗତ କଣ୍ଠାପାଳ ଏବଂ ଛୋଟଖାନପୁର ଠାରେ ସୁବର୍ଣ୍ଣରେଖା ନଦୀରୁ ମାଫିଆ ମାନେ ଦିନ ରାତି ବେଆଇନ ଭାବେ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଏବଂ ଡମ୍ପର ସାହାଯ୍ୟରେ ଚୋରା ଚାଲାଣ କରୁଛନ୍ତି ।ଏହା ଦ୍ୱାର ନଦୀ କୂଳ ଖାଇ ଗାଁ ପ୍ରତି ବିପଦ ଆଣୁଛି । ଅନ୍ୟ ପଟେ ବେଆଇନ ବାଲି ଗାଡ଼ି ଗୁଡ଼ିକ ଦୃତ ଗତିରେ ରାସ୍ତାରେ ଯାତାୟତ କରୁଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଛି । ତେଣୁ ଏହାକୁ ବିରୋଧ କରି ଗ୍ରାମବାସୀମାନେ ବାଲିଆପାଳ ଥାନା ଏବଂ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଆଜି ବାଧ୍ୟ ହୋଇ ଛୋଟଖାନପୁର ଛକରେ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ ଙ୍କ ନେତୃତ୍ୱ ରେ ଅସ୍ତି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା, ଯାମିନୀ ନନ୍ଦୀ, ନୀଳକଣ୍ଠ ରଣା,କ୍ଷ ଲକ୍ଷ୍ମୀ କାନ୍ତ ନନ୍ଦୀ, ସୁଧୀର ଆଣ୍ଡିଆ, ଅନନ୍ତ କୁମାର ସାହୁ,ସଞ୍ଜିତା ମାଝୀ, ଶାନ୍ତିଲତା ନନ୍ଦୀ, ସୁମିତ୍ରା ମାଝୀ ପ୍ରମୁଖ ଶତାଧିକ ଗ୍ରାମବାସୀ ବାଲିଆପାଳ -କମର୍ଦ୍ଦା ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରିଛନ୍ତି । ଘଟଣା ସ୍ଥଳରେ ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ଏବଂ ବସ୍ତା ଏସଡିପିଓ ଅରୁଣ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝା ସୁଝା କଲାପରେ ରାସ୍ତା ରୋକ୍ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ଯାଇଥିଲା ।

## ଖୋର୍ଦ୍ଧା ଆଦର୍ଶ ଥାନା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଖୋର୍ଦ୍ଧା , ୧୫/୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଆଭାସା ଯୋଗ ଉଦଘାଟନ ହୋଇ ଯାଇଛି। ଏହି ଥାନା ଉଦଘାଟନ ଉତ୍ସବରେ କେନ୍ଦ୍ରାଂଚଳ ଆଇଜି ଆଶିଷ ସିଂହ, ଜିଲ୍ଲାପାଳ ଖୋର୍ଦ୍ଧା ଚଞ୍ଚଳ ରାଣା, ଏସପି ବି, ଯୁଗଳ କିଶୋର ଓ ଖୋର୍ଦ୍ଧା ପୋଲିସ ଜିଲ୍ଲା ଅଧିକାରୀ, କିଛି ସ୍ଥାନୀୟ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ। ଏହା ସଙ୍ଗେ ବାଘମାରି ଥାନା ନୂତନ ଉଦଘାଟନ କରା ଯାଇଥିଲା। ଏହି ଆଦର୍ଶ ଥାନା ନୂତନ ଗୃହ (ଖୋର୍ଦ୍ଧା ଟାଉନ ଥାନା) କାମ ବହୁ ଦିନ ଆଗରୁ ଶେଷ ହୋଇଥିଲେ ମଧ୍ୟ ,କାହିଁକି ଆଜି ପର୍ଯ୍ୟନ୍ତ ଥାନା ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧିକାରୀ ହାତକୁ ନେଲେ ନାହିଁ। ଭଡ଼ା ଘରେ ଆଜ ପର୍ଯ୍ୟନ୍ତ ଚାଲିଲା ଖୋର୍ଦ୍ଧା ବୁଦ୍ଧି ଯିବି, ସାମ୍ବାଦିକ, ଓ ଆଇନ ଯିବୀ ଆସର୍ଯ୍ୟ।

**AFFIDAVIT**

An affidavit before the Notary Publice, Niligiri Balsore, I, Smt. Jayanti Dhaundia aged about 47 years W/O- Achyut Dhaundia, of Vill- Fatepur, Po- Fatepur, Ps- Oupada, dist. - Balasore, do here by solemnly affirm and state that actually my correct name is Smt. Jayanti Dhaundia, W/o- Achyut Dhaundia, which has been metioned in my Voter ID Card bearing No. IBO0097030 and Aadhar Card bearing No 5966 2304 9613, But my parental name is Kanchan Sethi, D/O Karunakar Sethi which has been metioned in my Voter ID Card bearing No KTH1425149. So Both the name is one and same person. Henceforth I will be known as Jayanti Dhaundia in all purpose.

**Jayanti Dhaundia**

# ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ: କଳା ବ୍ୟାଜ ପିନ୍ଧିଲେ ସାମ୍ବାଦିକ



ଜଳେଶ୍ୱର , ୧୫/୩ (ନି.ପ୍ର): ରାଜ୍ୟର ସବୁ ବର୍ଗର ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ରାଜ୍ୟ ସରକାର ଦାବୀ ପୂରଣ କରିଥିବା ବେଳେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଦାବୀ ପ୍ରତି ହେୟଜ୍ଞାନ କରି ଆସିଛନ୍ତି । ସମାଜର ବହୁ ତଥ୍ୟ, ନିର୍ଯ୍ୟାତନା ଦୁର୍ନୀତୀ ଏବଂ ଗ୍ରାଉଣ୍ଡ ଜିରୋରେ ରହି ପ୍ରାକୃତିକ ଦୁର୍ବିପାକର ରିପୋଟ ଲୋକଲୋଚନକୁ ଆଣୁଥିବା ବେଳେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସରକାର କୌଣସି ପ୍ରତ୍ସାହନ ଯୋଗାଇ ନାହାନ୍ତି। ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ସୁରକ୍ଷା, ଆଇନ୍ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ, ପ୍ରଚଳିତ ସ୍ୱାସ୍ଥ୍ୟବିମା ଯୋଜନାରେ ପିଟ୍‌ପ୍ରେସ୍ ଏକାଡେମୀ ଗଠନ ଦାବୀରେ ସରକାର ନିରବ ରହିବା ବେଳେ ରାଜ୍ୟ ସବୁ ବର୍ଗର ଲୋକଙ୍କ ପାଇଁ ସହାୟତର ବ୍ୟବସ୍ଥା କରିଛନ୍ତି । ଉତ୍କଳ ସାମ୍ବାଦିକ ସଂଘର ଡାକରାରେ ଜଳେଶ୍ୱର ଶାଖା ପକ୍ଷରୁ କଳାବ୍ୟାଜ ପିନ୍ଧି ପ୍ରତିବା ଓ ବିକ୍ଷୋପ କରାଯାଇଛି । ଏଥିରେ ସତ୍ୟବ୍ରତ ପ୍ରଧାନ, ମନୋଜ ପ୍ରଧାନ, ଅମର ଆଚାର୍ଯ୍ୟ, ଗୌରଗୋପାଳ ସେନ୍, ରାଜେଶ ପ୍ରଧାନ, ଆଲୋକ ଘଡେଇ, ଦୀନବଂଧୁ ପ୍ରଧାନ, ଅର୍ଜୁନ ସିଂ, ସୁବ୍ରତ ଘୋଷ, ଗୋପବଂଧୁ ସାହୁ, ବିନୟ ପ୍ରଧାନ, ବିଶ୍ୱଜିତ ଧଳ, ଭୋଳାନାଥ ସିଂ, ରବିନାରାୟଣ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୁଆଡ଼େ ଗଲା ରତ୍ନଭଣ୍ଡାର ....

ଜେନେରାଲ କୋର୍ଟଙ୍କୁ ଜଣାଇଥିଲେ। ଏସବୁକୁ ଦୃଷ୍ଟିରେ ରଖି ମାମଲାର ଅନ୍ତ ଘଟାଇବାକୁ ସେ କୋର୍ଟଙ୍କୁ ଅନୁରୋଧ କରିଥିଲେ। ତେବେ ଚାବି ହଜିବା ପ୍ରସଙ୍ଗରେ କମିଶନଙ୍କ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ଆବେଦନ ଏବେ ବି ବିଚାରଯୋଗ୍ୟ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଗତ ଏପ୍ରିଲ ୨୫ତାରିଖରୁ ଷ୍ଟାଟସ ରିପୋର୍ଟ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲେ ବି ସରକାର ବାରମ୍ବାର ସମୟ ଗଡ଼ାଇଚାଲିଛନ୍ତି ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣି ଷ୍ଟାଟସ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଏୟାରଲିଫ୍ଟରେ ପ୍ରସନ୍ନ ....

ଭୁବନେଶ୍ୱର ବିମାନ ବନ୍ଦରରୁ ଶ୍ରୀ ଆଚାର୍ଯ୍ୟଙ୍କୁ ଆପୋଲୋ ହସ୍ପିଟାଲ ନେବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରୀନ୍ କରିଡର ପ୍ରସ୍ତୁତ କରାଯାଇଥିଲା। ଶ୍ରୀ ଆଚାର୍ଯ୍ୟ ଏବେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ପ୍ରସ୍ତୁତ ଥିବା ଡାକ୍ତରଙ୍କ ଏକ ଟିମ୍ ତାଙ୍କର ଅଧିକ ପରୀକ୍ଷାନିରୀକ୍ଷା କରୁଛନ୍ତି। ତାଙ୍କ ମୁଣ୍ଡରେ ଅଧିକ ଆଘାତ ଲାଗିଛି ଓ ୩୦ରୁ ଅଧିକ ଷ୍ଟିଚ୍ ପଡ଼ିଛି ବୋଲି ଜଣାପଡ଼ିଛି। ଏବେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶ୍ରୀ ଆଚାର୍ଯ୍ୟଙ୍କୁ ଅଧିକ ଉତ୍ତମ ଚିକତ୍ସା ଯୋଗାଇ ଦେବା ପାଇଁ ବିଜେଡି ପକ୍ଷରୁ ସବୁ ଉଦ୍ୟମ କରାଯାଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ପୁଲିସ ଜବତ କରିଛି ଓ ଡ୍ରାଇଭରକୁ ଅଟକ ରଖିଥିବା ଜଣାପଡ଼ିଛି।

### ବିଜେଡି ଛାଡ଼ି ବିଜେପିରେ...

ଶ୍ରୀ ରାୟ ଆଜି ବିଜେଡି ପ୍ରାଥମିକ ସଦସ୍ୟ ପଦ ଓ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କିମ୍ବା ନବୀନଙ୍କ ଦ୍ୱାରା ନିଯୁକ୍ତ ସଦସ୍ୟମାନେ ତାଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେଇନଥିବା ସେ ଅଭିଯୋଗ କରିଥିଲେ । ଏପରିକି ଗତ କିଛି ଦିନ ଧରି ନବୀନଙ୍କୁ ସାକ୍ଷାତ କରିବାକୁ ଚାହିଁଥିଲେ ମଧ୍ୟ ତାଙ୍କୁ ସେହି ସୁଯୋଗ ମିଳିନଥିଲା ବୋଲି କହିଥିଲେ। । ଏଣୁ ଦଳରେ ତାଙ୍କର ସ୍ଥାନ କିଛି ନାହିଁ ବୋଲି ଅନୁଭବ କରିବା ପରେ ସେ ବିଜେଡିର ପ୍ରାଥମିକ ସଦସ୍ୟତା ଓ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିବା କହିଥିଲେ। ଏହା ସହିତ ନବୀନ ତାଙ୍କର ସ୍ଥିତିକୁ ବୁଝିବେ ବୋଲି ସେ ଆଶାବାଦୀ ଥିବା ଓ ତାଙ୍କ ପ୍ରତି କୌଣସି ଦ୍ୱେଷ ବା କ୍ରୋଧ ନରଖିବାକୁ ଅନୁରୋଧ କରିଥିଲେ । ଶ୍ରୀ ରାୟ ହେଉଛନ୍ତି ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଭିଣୋଇ । ଗତ କିଛି ଦିନ ଧରି ତାଙ୍କର ପାରିବାରିକ ବିବାଦ ଲାଗିଥିବା ଚର୍ଚ୍ଚା ହେଉଛି।

### ନିର୍ବାଚନୀ ବଣ୍ଡ ଜରିଆରେ...

କେବଳ ମୋ ପାର୍ଟିକୁ ସବୁ ଖୁଆବି ନୀତି ଆପଣା ଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଯାହା ବି କରିଛନ୍ତି, ସେସବୁ ନିଜର ଓ ଦଳର ଫାଇଦା ପାଇଁ ହିଁ କରିଛନ୍ତି।" ଶିବସେନା(ୟୁବିଟି) ସାଂସଦ ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି ଯେ ଗେମିଂ ଓ ଜୁଆ ଖେଳିବାକୁ ପ୍ରୋତ୍ସାହିତ କରୁଥିବା କମ୍ପାନୀ କିଣିଥିବା ନିର୍ବାଚନୀ ବଣ୍ଡରୁ ବିଜେପି କୋଟି କୋଟି ଟଙ୍କା ପାଇଛି। ଦେଶର ସବୁଠାରୁ ବଡ଼ ଦୁର୍ନୀତିରେ ବିଜେପି ସାମିଲ ହୋଇଥିବା ସେ କହିଛନ୍ତି। ବିଜେପି ନିର୍ବାଚନୀ ବଣ୍ଡରୁ ପାଇଥିବା ଟଙ୍କା ସ୍ୱାଧୀନତା ପରେ ସବୁଠାରୁ ବଡ଼ ଦୁର୍ନୀତି ବୋଲି ତାମିନାଡୁ କଂଗ୍ରେସ ସଭାପତି କେ ସେଲଭାପେରୁନଥାଗାଇ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉତ୍ତର ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ବିରୋଧୀଙ୍କ ସମସ୍ତ ଅଭିଯୋଗ କେବଳ ଗୋଟିଏ ଆକଳନ ଉପରେ ପର୍ଯ୍ୟବେସିତ। ଚାନ୍ଦା ସହ କେନ୍ଦ୍ରୀୟ ଏଜେନ୍ସିର ରେଡର କୌଣସି ଲିଙ୍କ ନାହିଁ ବୋଲି ନିର୍ମଳା କହିଥିଲେ। ଏହାକୁ କଂଗ୍ରେସ ନେତା ଜୟରାମ ରମେଶ କାଉଣ୍ଟର କରିବା ସହ ଯଦି ଲିଙ୍କ ନାହିଁ, ତା'ହେଲେ କେଉଁ କମ୍ପାନୀ କେତେ ଟଙ୍କା କେଉଁ ଦଳକୁ ଦେଇଛି, ତା'ର ତଥ୍ୟ ସାର୍ବଜନୀନ କରାଯାଉ ବୋଲି ସେ ଚ୍ୟାଲେଞ୍ଜ ଦେଇଛନ୍ତି।

### ହିଂସାର ପଥର ଛାଡ଼ି ମୁଖ୍ୟ ....

ଉଓଏ ଚରଣସିଂ ମିନାଙ୍କ ଉପସ୍ଥିରେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି ଦୁଇ ଜଣ ହଡ଼କୋର ନକ୍ସଲ। ଜଣେ ହେଲେ କାଡତି ହୁଡ୍ଡା ଓରଫ ସମୀର। ୨୦୦୧ ମସିହାରେ ସେ କିସତାରାମ ଏରିଆ କମିଟିରେ ଯୋଗଦେଇଥିଲେ। ୨୦୦୨ ମସିହାରେ ତାଙ୍କୁ ପଦୋନ୍ନତି ଦିଆଯାଇଥିଲା। ତା'ପରେ ବଡ଼ ବଡ଼ ଅପରେସନ୍ ?ରେ ସାମିଲ ହୋଇଥିଲେ। ତେବେ ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୧୪ ମସିହାରେ ସଙ୍ଗଠନଠାରୁ ଦୂରେଇ ଯାଇଥିଲେ। ସୁସ୍ଥ ହେବା ପରେ ସେ ପୁଣି ଥରେ ଅର୍ଥାତ ୨୦୨୨ ମସିହାରେ ନକ୍ସଲ ସଙ୍ଗଠନରେ ସାମିଲ୍ ହୋଇଥିଲେ। ହେଲେ ତାଙ୍କୁ ସେଠାରେ ଦିଆଯାଇଥିଲା ନିର୍ଯାତନା। ନକ୍ସଲମାନେ ନିଜର ଆଦର୍ଶରୁ ଓହରି ଯାଇ ହତ୍ୟା, ରାହାଜାନି ଓ ବିକାଶର ବାଧା ସୃଷ୍ଟି କରୁଥିଲେ। ଯେଉଁଥିପାଇଁ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍‌ହେବା ପାଇଁ ନିଷ୍ପତ୍ତି ନେଲେ କାଡତି ହୁଡ୍ଡା। କାଡତି ହୁଡ୍ଡାଙ୍କ ପରି ଗଙ୍ଗା କର୍ତ୍ତମୀ ଓରଫ ଗଙ୍ଗୀ ମଧ ଆତ୍ମସମର୍ପଣ କରିଛନ୍ତି। ସେ ୨୦୦୧ ମସିହାରେ ଦକ୍ଷିଣ ବସ୍ତର ଏରିଆ କମିଟିରେ ଯୋଗଦେଇଥିଲେ। ୨୦୦୭ ମସିହାରେ ତାଙ୍କୁ ପଦୋନ୍ନତି ଦିଆଯାଇଥିଲା। ତା'ପରେ ସେ ବଡ଼ବଡ଼ ଅପରେସନ୍‌ରେ ସାମିଲ୍ ହୋଇଥିଲେ। ରକ୍ତର ହୋଲି ଖେଳିଥିଲେ। ପାରିବାରିକ କାରଣରୁ ସେ ୨୦୧୯ ମସିହାରେ ସଙ୍ଗଠନ ଛାଡ଼ିଥିଲେ। ପରବର୍ତ୍ତୀ ସମୟରେ ସେ ପୁଣି ଥରେ ସଙ୍ଗଠନରେ ସାମିଲ୍ ହୋଇଥିଲେ। ତାଙ୍କ ନାଁରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଆତ୍ମସାମର୍ପଣ ଥଇଥାନ ନୀତି ଅନୁଯାଇ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି।

# ଆଗାମୀ ସାଧାରଣ ନିର୍ବାଚନ ପାଇଁ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ



ଲଙ୍ଗଳେଶ୍ୱର, ୧୫/୩ (ନି.ପ୍ର): ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବାଲିଆପାଳ ବ୍ଲକର ଶିକ୍ଷକ ମାନ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧିନରେ ଥିବା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ନିର୍ବାଚନ ଡାଇତ୍ୱରେ ଥିବା ସ୍କୁଲ ଶିକ୍ଷକ ମାନଙ୍କ ଭିତରୁ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ବାଲିଆପାଳ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶହେ ଜଣ ଏବଂ ବାଲିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଶହେ ଜଣ ଓ ବାଲିଆପାଳ ବ୍ଲକ ପରିସରରେ ଥିବା ସଭା ଗୃହରେ ୫୦ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ହେବାକୁ ଥିବା ପୋଲିଂ ବୋଥରେ ପ୍ରଥମ ପ୍ରଯ୍ୟାୟରେ ୨୫୦ ଜଣ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଇଭିଏମ ମେସିନର ବ୍ୟବହାର ବିଷୟରେ ଥିଉରୀ ଓ ପ୍ରାକ୍ଟିକାଲ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା । ମେସିନକୁ ପ୍ରଥମେ ଇଲେକ୍ଟ୍ରି ସଂଯୋଗ କରିବା, ଭୋଟର ଲିଷ୍ଟରେ ଭୋଟରର ନାମ ଅଛି କି ନାହିଁ ଚେକ କରିବା, ବେଲଟ ପେପର ରେ ସ୍ୟାକ୍ଷର କରିବା, ଇଭିଏମ ମେସିନରେ ସାଧା ପେପର ଲଗାଇବା, ମେସିନରେ ଥିବା ବଟମ ଦବାଇବା ପରେ ସାଉଣ୍ଡ ନହେଲେ ଭୋଟର ଦାତାଙ୍କୁ ବାହାରକୁ ଯିବାକୁ ନଦେବା ଆଦି ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଗୋଟିଏ ବେଚ ମାର୍ଚ୍ଚ ୧୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୯ ତାରିଖ ପ୍ରଯ୍ୟନ୍ତ ଦିଆଯିବ ବୋଲି ବାଲିଆପାଳ ଗୋଷ୍ଠି ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି ।

## ଅଖିଳ ଭାରତ କୃଷକସଭା ତରଫରୁ ବିକ୍ଷୋଭ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର

ନୀଳଗିରି , ୧୫/୩ (ନି.ପ୍ର): ଅଖିଳ ଭାରତ କୃଷକସଭା ନୀଳଗିରି ଶାଖା ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ବିକ୍ଷୋଭ ସହିତ ୭ଦଫା ସମ୍ବଳିତ ଦାବିପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବରିଷ୍ଠ ବାମପନ୍ଥୀ ନେତା କୈଳାସ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ କୃଷକ ମାନେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୨୦୨୩ମସିହା ଖରିଫ ଫସଲରେ କ୍ଷତିଗ୍ରସ୍ତ କୃଷକ ମାନଙ୍କୁ କୃଷିବୀମା ପ୍ରଦାନ ସହିତ ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟର ଭାଇଭଉଣୀ ମାନଙ୍କୁ ସରକାର ପଟ୍ଟା ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ ନେତା ଏବଂ କୃଷକ ଦାବୀ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଚାଷ ଜମିର କ୍ଷୟକ୍ଷତି ଆକଳନ ରିପୋର୍ଟ ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟରୁ ବୀମା କମ୍ପାନୀକୁ ଦିଆ ନଯିବା ଚାଷୀମାନଙ୍କୁ ମର୍ମାହତ କରିବା ସହିତ ଆତ୍ମହତ୍ୟା କରିବାକୁ ବାଧକରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସେହିଭଳି ନୀଳଗିରି ଅଞ୍ଚଳରେ ଅଧାରୁ ଅଧିକ ବସବାସ କରୁଥିବା ଆଦିବାସୀ ଭୂମିହୀନ ଓ ଜଙ୍ଗଲ ଜମିରେ ବାସକରୁଥିବା ବେଳେ ସେମାନଙ୍କୁ ପଟ୍ଟା ନଥିବାରୁ କେନ୍ଦ୍ର ସରକାରଙ୍କ ଘୋଷିତ ଏନଆରସିଏ ପାଇଁ ଜେଲ ଯିବାକୁ ବାଧହେବେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପୌରପାଳିକା ପକ୍ଷରୁ ଭେଣ୍ଡିଂ ଜୋନ ନେଇ ଶିଳାନ୍ୟାସ



ବାରିପଦା, ୧୫/୩ (ନି.ପ୍ର):ବାରିପଦା ପୌରପାଳିକା ପକ୍ଷରୁ ମଧୁବନ ଠାରେ ଭେଣ୍ଡିଂ ଜୋନ ନିର୍ମାଣ ନେଇ ଶିଳାନ୍ୟାସ କରାଯାଇଛି। ଉଠା ଦୋକାନୀ ମାନଙ୍କୁ ଥଇଥାନ କରିବା ପାଇଁ ଉକ୍ତ ଭେଣ୍ଡିଂ ଜୋନର ନିର୍ମାଣ ହେବାକୁ ଯାଉଛି। ଏନେଇ ଗୁରୁବାର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବାରିପଦା ସହରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ସହରର ସୌନ୍ଦର୍ଯ୍ୟ କରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ଉଠା ଦୋକାନୀ ମାନଙ୍କୁ ଥଇଥାନ ପାଇଁ ଭେଣ୍ଡିଂ ଜୋନ ପ୍ରସ୍ତୁତ କରାଯାଉଛି। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉଠା ଦୋକାନୀ ମାନଙ୍କ ଥଇଥାନ ପାଇଁ ଭେଣ୍ଡିଂ ଜୋନ ବ୍ୟବସ୍ଥା କରାଯାଇଛି। ଉକ୍ତ ଯୋଜନାରେ ବାରିପଦା ପୌରପାଳିକା ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ଉକ୍ତ ଭେଣ୍ଡିଂ ଜୋନର ନିର୍ମାଣ କରାଯିବ। ଯାହାକୁ ନେଇ କାର୍ଯ୍ୟର ଶିଳାନ୍ୟାସ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମସ୍ତ ୱାର୍ଡର କାଉନସିଲର, ପୋ ?ର କର୍ମଚାରୀ ଓ ଅନେକ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ସୁରକ୍ଷା ଦିବସ ପାଳିତ



ଭଦ୍ରକ, ୧୫/୩ (ନି.ପ୍ର): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଉପନିୟନ୍ତ୍ରକ, ବୈଧ ମାପ ବିଜ୍ଞାନ ଭଦ୍ରକ କାର୍ଯ୍ୟାଳୟର ସଂଯୋଜନାରେ ଇଚ୍ଛାପୁର, ଭଦ୍ରକର ସଂଗଠନ 'ପେଡ଼' ଦ୍ୱାରା ଆୟୋଜିତ ଭଦ୍ରକ ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ଦିବସ ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ପ୍ରତିଦିନ ପ୍ରତିମୁହୂର୍ତ୍ତରେ ଆମ୍ଭର ଆବଶ୍ୟକତା ଅନୁଯାୟୀ କୌଣସି ନା କୌଣସି ଦ୍ରବ୍ୟ ବା ସେବା କ୍ରୟ କରିବା ଆଧାରରେ ଆମେ ସମସ୍ତେ ଜଣେ ଜଣେ ଖାଉଟି। ଖାଉଟି ହିସାବରେ କ୍ରୟ ଜନିତ ଠକାମିରୁ ବର୍ତ୍ତିବାପାଇଁ ପ୍ରଣୀତ ଖାଉଟି ସୁରକ୍ଷା ଅଧିକାର ଆଇନ୍ ସମ୍ବନ୍ଧରେ ସଚେତନ ହେବା ସମସ୍ତଙ୍କ ପାଇଁ ଜରୁରୀ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଜିଲ୍ଲା ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ ଲିଙ୍ଗରାଜ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂପୃକ୍ତ ବିଭାଗୀୟ ସେବା ପ୍ରଦାନରେ ଖାଉଟିମାନେ କିପରି ସଚେତନ ହେବେ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଉପଭୋକ୍ତା କମିଶନ୍‌ର ସଭାପତି ଆଇନଜ୍ଞ ଶିବ ପ୍ରସାଦ ମହାନ୍ତି ଖାଉଟି ସୁରକ୍ଷା ଆଇନ କେତେ ସରଳ, ଏହାର ଆଶ୍ରୟ ନେବା କେତେ ସହଜ, ଅଭିଯୋଗ ଦାଖଲ କରିବାର ତରିକା, ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶୁଳ୍କ ଅଭିଯୋଗ ଦାଖଲ ବ୍ୟବସ୍ଥା, ଘରେବସି ଅନ୍‌ଲାଇନ୍‌ରେ ପୁଣି ଖାଉଟିର ଇଚ୍ଛାମୁତାବକ ଯେକୌଣସି ସ୍ଥାନରେ ଥାଇ ଅଭିଯୋଗ ଦାଖଲ କରିପାରିବାର ସୁବିଧା, ୩ ମାସ ମଧ୍ୟରେ ଅଭିଯୋଗ ଫଇସଲା ହେବାର ଧାର୍ଯ୍ୟ ଅବଧି, ଓକିଲ କିମ୍ବା ବିନା ଓକିଲ ସାହାଯ୍ୟରେ ସାମାନ୍ୟ ହାତଲେଖା ଦରଖାସ୍ତ ଜରିଆରେ ଅଭିଯୋଗ ଦାଖଲ ପାଇଁ ଥିବା ସୁଯୋଗ ଆଦି ବିଷୟରେ ପଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ଦାସ, ଆଇନଜ୍ଞ ବିଷ୍ଣୁମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ଖାଉଟି ଅଧିକାର ସୁରକ୍ଷା ନେଇ ସଂପୃକ୍ତ ବିଭାଗୀୟ ସଚେତନତା, ଆଇନ୍‌ର ଉପାଦେୟତା, ଖାଉଟି ଅଧିକାର ଜାହିର ପାଇଁ ସଚେତନତା କେତେ ଜରୁରୀ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳକ ତଥା ଏହି କାର୍ଯ୍ୟକ୍ରମର ସଂଯୋଜକ ବୈଧ ମାପ ବିଜ୍ଞାନ ବିଭାଗର ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ଖାଉଟି ସଚେତନତାର ବିଭିନ୍ନ ଦିଗ ଉପରେ ବ୍ୟାଖ୍ୟା କରିବା ସହ ଓଜନ ମାପ ଯନ୍ତ୍ର ବ୍ୟବହାରରେ ବିଭିନ୍ନ ଉପାୟରେ ଠକାମିର ଶିକାର ହେବା ପଦ୍ଧତି ସମ୍ବନ୍ଧରେ ପ୍ରଦର୍ଶନ କରି ଠକାମିରୁ ବର୍ତ୍ତିବା ପାଇଁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ପେଡ଼ ସଂଗଠନର ସମ୍ପାଦକ ଦିବାକର ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନର ଅଧ୍ୟକ୍ଷ କାର୍ତ୍ତିକ ଜେନା, କୋଷାଧ୍ୟକ୍ଷ, ଜଗତଜ୍ୟୋତି ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଅଙ୍ଗନବାଡ଼ି କର୍ମୀ, ଏସ୍.ଏଚ୍.ଜି. ମହିଳା ଓ ସଂଗଠନର ସଦସ୍ୟା ବିଭିନ୍ନ ବର୍ଗର ମହିଳା ଖାଉଟି, ଗଣମାଧ୍ୟମ ପ୍ରତିନିଧି ଆଦି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆଇନ ଶୃଙ୍ଖଳା ସଚେତନତା ନିମନ୍ତେ ବସ୍ତା ପୋଲିସ ଓ ବିଏସଏଫ ଦ୍ୱାରା ଫ୍ଲାଗମାର୍ଚ୍ଚ



ବସ୍ତା, ୧୫/୩ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବାଲେଶ୍ୱର ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଜନସାଧାରଣଙ୍କୁ ସଚେତନା କରାଯାଇଥିଲା। ଶୁକ୍ରବାର ଅପରାହ୍ନ ୫ ଘଟିକା ସମୟରେ ବାଲେଶ୍ୱର ଏସପି ସାଗାରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ପୋଲିସ,ବିଏସଏଫ,ବସ୍ତା ପୋଲିସ ଏବଂ ଅମର୍ଦାରୋଡ ଫାଣ୍ଡି ପୋଲିସ ଦ୍ୱାରା ଫ୍ଲାଗ ମାର୍ଚ୍ଚ କରାଯାଇଥିଲା।ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ସଚେତନତା କରାଇବା ସଙ୍ଗେ ସଙ୍ଗେ ସମସ୍ତ ଜନସାଧାରଣ ପୋଲିସର ସାହାଯ୍ୟ ନେଇ ପାରିବେ ବୋଲି ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଅମର୍ଦାରୋଡ ଫାଣ୍ଡି ଠାରୁ ବାହାରି ବଜାର, ଅମର୍ଦାରୋଡ ଷ୍ଟେସନ, ସିଦ୍ଧେଶ୍ୱର କଲେଜ, ବାସନ୍ତପୁର ଫ୍ଲାଗମାର୍ଚ୍ଚ କରିବା ସଙ୍ଗେ ସଙ୍ଗେ ଛକ ମାନଙ୍କରେ ଆଇନ ଶୃଙ୍ଖଳା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବସ୍ତା ଶମ୍ଭୁନାଥ ହାଇସ୍କୁଲ ଠାରୁ ବସ୍ତା ରେଳବାଇ ର ଦକ୍ଷିଣ କେବିନ୍ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଅମର୍ଦାରୋଡ ଏସ ଆଇ ସନ୍ଦିପ କୁଜୁର ,ବସ୍ତା ଏସ ଆଇ ବନିତା ନାୟକ ,ଏଏସ ଆଇ ବିକାଶ ସେଠୀ, ବିଏସଏଫ ଆସିଷ୍ଟାଣ୍ଟ କମାଣ୍ଡର ମନୋରଞ୍ଜନ ନାୟକ, ବିଏସଏଫ ଇନ୍ସପେକ୍ଟର ପ୍ରଦୀପ କୁମାର ସଦଳବଳେ ସଚେତନତା ରାଲିରେ ଅଂଶ ଗ୍ରହଣ କରିଥିଲେ। ସେହିପରି ରୂପସା ଥାନା ପକ୍ଷରୁ ହିରାପୁର ରୁ ବାହାରି ଷ୍ଟେସନଛକ ପର୍ଯ୍ୟନ୍ତ ସଚେତନ ବାର୍ତ୍ତା ଦେଇଥିଲେ ରୂପସା ଥାନା ଅଧିକାରୀ-ଶଚିତା ନନ୍ଦଗିରି. ଏଏସଆଇ ଉତ୍ତମକୁମାରସି ଓ ହଳଦିପଦା ଠାରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ଦୁର୍ବୃତ୍ତର ଅତର୍କିତ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ମୋହନା, ୧୫/୩ (ନି.ପ୍ର): ଦୁର୍ବୃତ୍ତର ଅତର୍କିତ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଗଜପତି ଜିଲ୍ଲା ମୋହନା ମୁଖ୍ୟ ବଜାରରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଲେ ଭକ୍ତବନ୍ଧୁ ନାୟକ। ଅଭିଯୁକ୍ତ ଯୁବକ ହେଲା ନିଳାଞ୍ଚଳ। ସୂଚନା ଅନୁସାରେ ମୋହନା ମୁଖ୍ୟ ବଜାରରେ ଅନ୍ୟ ଦିନ ଭଳି ଭକ୍ତବନ୍ଧୁ ନାୟକ ନାମକ ଯୁବକ କାମ କରୁଥିବା ଦୋକାନ ବାହାରେ ଥିବା ସିଡି ରାସ୍ତାରେ ବସିଥିଲେ। ଏହି ସମୟରେ ଅଚାନକ ନିଳାଞ୍ଚଳ ନାମକ ଯୁବକ ଏକ କାଠ ଫାଳିଆରେ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଫଳରେ ଭକ୍ତବନ୍ଧୁ ନାୟକ ସେଠାରେ ପଡ଼ି ଯାଇଥିଲେ।

# ବାଲେଶ୍ୱରଠାରେ ଓୟୁଜେ ପାଳିଲା ପ୍ରତିବାଦ ଦିବସ




ବାଲେଶ୍ୱର, ୧୫/୩ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ରାଜ୍ୟ ଶାଖାର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ରାଜ୍ୟର ସମସ୍ତ ସାମ୍ବାଦିକ ମାନଙ୍କ ସୁରକ୍ଷା, ପେନସନ ଓ ସାମାଜିକ ନିରାପତ୍ତା ଦାବିକରି ଏହି ପ୍ରତିବାଦ ଦିବସ ପାଳନ କରାଯାଇଥିଲା। ରାଜ୍ୟ ସରକାର ସମସ୍ତ ଙ୍କ ପାଇଁ ନିର୍ବାଚନ ପୂର୍ବରୁ ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ସମ୍ବାଦ ପତ୍ର ଓ ଗଣମାଧ୍ୟମ ରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ କିଛି ଘୋଷଣା ନ କରିବା ପ୍ରତିବାଦ ରେ ଏହି ପ୍ରତିବାଦ ଦିବସ ପାଳନ କରାଯାଇଥିଲା। ସରକାର ଚିହ୍ନଟ କରିଥିବା ସାମ୍ବାଦିକ ମାନଙ୍କ ମଧ୍ୟରୁ ଯେଉଁମାନେ ୬୦ ବର୍ଷ ଅତିକ୍ରମ କରିଛନ୍ତି ବାକାର୍ଯ୍ୟ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି ସେମାନଙ୍କୁ ମାସିକ ୧୦ହଜାର ଟଙ୍କାର ଭତ୍ତା ଦେବାକୁ ଦାବି କରାଯାଇଛି। ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରାଯାଇଥିବା ଏହି ପ୍ରତିବାଦ ଦିବସ ପାଳନ ରେ ସଂଘର ସମ୍ପାଦକ ବିବେକାନନ୍ଦ ଦାସ , କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥି, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, ଉପଦେଷ୍ଟା ଶିଶିର କୁମାର ଦାସ,ଉପ ସଭାପତି ଉତ୍କଳବନ୍ଧୁ ପଣ୍ଡା ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ତପୋଧନ ବାରିକ, ମନୋଜ କୁମାର ରାୟ, ଲକ୍ଷୀଧର ଗାନ, ନନ୍ଦ କିଶୋର ସାହୁ, ସୋମନାଥ ସାହୁ, ଅରୂପ କୁମାର ଦାସ, କହ୍ନେଇ ଚରଣ ପ୍ରଧାନ ନୀଳାମ୍ବର ପଣ୍ଡା, ରମଣୀ ରଂଜନ ଦାସ, ଶମ୍ଭୁନାଥ ନାୟକ , ସଞ୍ଜୟ କୁମାର ବେହେରା, ଭରତ ଚନ୍ଦ୍ର ଦାଶ, ଶିବାନନ୍ଦ ପାଢ଼ୀ, ଲୋକନାଥ ପିରୀ, ରମାକାନ୍ତ ପଣ୍ଡା, ଅକ୍ଷୟ କୁମାର ଜେନା , ଅଭୟ ପତ୍ରି , ଚନ୍ଦ୍ରକାନ୍ତ ଜେନା,ଦେବବ୍ରତ ପାଣିଗ୍ରାହୀ ଟାଉନ ସଂଯୋଜକ ହାଇଦର ଖାନ ପ୍ରମୁଖ ଉପସ୍ଥିତି ଥିଲେ।

# ୧୭ ତାରିଖରୁ ଜଳେଶ୍ୱରରେ ଅଟକିବ ଡାଉନ୍ ଉତ୍କଳ ଏକ୍ସପ୍ରେସ : ରେଳବିଭାଗ

ଜଳେଶ୍ୱର , ୧୫/୩ (ନି.ପ୍ର): ଶେଷରେ ରେଳ ବିଭାଗ ଜଳେଶ୍ୱରବାସୀଙ୍କ ଶାନ୍ତିପୂର୍ଣ୍ଣ ଓ ନ୍ୟାୟକୁ ସମ୍ମାନ ଜଣାଇ ଉତ୍କଳ - କଳିଙ୍ଗ-ରିଷିକେଶ ଏକ୍ସପ୍ରେସକୁ ଆସନ୍ତା ୧୭ ତାରିଖ ଠାରୁ ରହଣୀର ବ୍ୟବସ୍ଥା କରିଛନ୍ତି । ଫଳରେ ଦୀର୍ଘ ୩ବର୍ଷ ଧରି ଚାଲିଥିବା ଦାବୀ, ଆନ୍ଦୋଳନ, ନିବେଦନର ପରିସମାପ୍ତି ଘଟିଛି । ଗତ ୧୦ ତାରିଖରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ୩ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପରେ ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ ଓ ରେଳ ବୋର୍ଡର ଅଧ୍ୟକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାରୁ ୧୮୪୭୭ ପରୀକ୍ଷାମୂଳକ ଭାବେ ୧୭ ତାରିଖରୁ ଅଟକିବ ବୋଲି ରେଳ ଅଧିକାରୀ କୌଶିକ ମୁଖାର୍ଜୀ ରେଳବାଇ ଚିଠିନଂ ସିଏଚ୍‌ଜିଓ-୧୨ ତା ୧୫-୩-୨୪ରେ ଜଣାଇଛନ୍ତି । ତେଣୁ ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ରଘୁନାଥ ମହାନ୍ତି, ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଏ ସଂପର୍କରେ ଜଳେଶ୍ୱରବାସୀ ଓ ଆନ୍ଦୋଳନକୁ ସମର୍ଥନ କରିଥିବା ୨୫ଟି ସଂଗଠନର କର୍ମକର୍ତ୍ତା, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ସହିତ ମମତାରାଣୀ ସେନ୍, ସାଂସଦ ପ୍ରତାପ ଷଡଙ୍ଗୀ, ରେଳ ମହାପ୍ରବନ୍ଧକ ଅନୀଲ ମିଶ୍ର, ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ, ଡିଆରଏମ୍ କେଆର୍ ଚୌଧୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ୬୧ ତମ ସର୍ବ ଭାରତୀୟ ଫିଜିଓଥେରାପି ସମ୍ମିଳନୀରେ ଡା.ହିତାର୍ଥ ପଟ୍ଟନାୟକ ଏବଂ ଡା.ଦୁର୍ଗାଶଙ୍କର ପତି ସମ୍ବର୍ଦ୍ଧିତ




ବାଲେଶ୍ୱର, ୧୫/୩ (ନି.ପ୍ର): ଉତ୍ତରାଖଣ୍ଡ ରାଜ୍ୟ ର ହିମାଳୟନ କଲଚରାଲ ସେଣ୍ଟର, ଡେରାଡୁନ ଠାରେ ୬୧ତମ ସ୍ୱର୍ବ ଭାରତୀୟ ଫିଜିଓଥେରାପି ସମ୍ମିଳନୀ ଗତ ମାର୍ଚ୍ଚ ୮ ତାରିଖ ରୁ ୧୦ ତାରିଖ ତିନି ଦିବସୀୟ କାର୍ଯ୍ୟକ୍ରମ କୁ ରାଜପାଳ ଲେଫଟେଣ୍ଟ ଜେନେରାଲ ଗୁରୁମିତ ସିଂ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ଯାଇଛି । ।ଏହି ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ପ୍ରାୟ ୧୫୦୦ ଫିଜିଓଥେରାପି ଡାକ୍ତର ଯୋଗ ଦେଇଥିଲା ବେଳେ ଓଡିଶାରୁ ଆଇ.ଏ.ପି ଓଡ଼ିଶା ରାଜ୍ୟର ମୁଖ୍ୟ ତଥା ଆଇ.ଏମ.ଏସ ଏବଂ ସମ ହସ୍ପିଟାଲର ମୁଖ୍ୟ ସ୍ମିତି ପ୍ରଜ୍ଞା ଦଳ ବେହେରା ଙ୍କ ନେତୃତ୍ୱରେ ଓଡିଶାରୁ ୪୫ ଜଣ ଅଂଶ ଗ୍ରହଣ କରିଥିଲେ। ବାଲେଶ୍ୱର ରୁ ପ୍ରଫେସନାଲ ଫିଜିଓଥେରାପିଷ୍ଟ ଡା. ହିତାର୍ଥ ପଟ୍ଟନାୟକ, ଡା.ଦୁର୍ଗାଶଙ୍କର ପତି ଅଂଶ ଗ୍ରହଣ କରିଥିଲା ବେଳେ ଡା. ପ୍ରଭଞ୍ଜନ,ଡ.ପ୍ରିୟଦର୍ଶନୀ, ଡ.ଏମଲେଣ୍ଡ , ଡ.ସୌମେନ୍ଦ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ଠିକ ସେହିପରି ବିଦେଶ ମାଟିରୁ ଡା.ଡାନିଆ ପିଣ୍ଟ ,ଡ.ଜୁବିଆ ଭେଗର,ଡା.ମିଚେଲ .ଏଚ .କାମେରୋନ (ୟୁ.ଏସ.ଏ.), ଡ.ୟମାର୍ସ୍କି (ଜାପାନ)ଡା.କେ. ପାର୍ଲସନ ଏବଂ ଡ.ଏଣ୍ଡ୍ରେସ ଫିଲିପ କେସିଏର ଯୋଗ ଦାନ କରି ଭୌତିକ ବିଜ୍ଞାନ (ଫିଜିଓଥେରାପି) ସମ୍ପର୍କରେ ଅନେକ ଗବେଷଣାତ୍ମକ ଆଲୋଚନା କରିଥିଲେ । ଭାରତର ପ୍ରଧାନ ମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଙ୍କ ସ୍ଲୋଗାନ ଫିଟ ଇଣ୍ଡିଆ ହିଟ ଇଣ୍ଡିଆ କେବଳ ଫିଜିଓଥେରାପି ଦ୍ୱାରା ସମ୍ଭବ ହୋଇ ପାରିବ ବୋଲି ଉତ୍ତରାଖଣ୍ଡ ର ମୁଖ୍ୟମନ୍ତ୍ରୀ ମାନନୀୟ ପୁସ୍କର ସିଂ ଧାମୀ ଭିଡିଓ କନଫେରେନ୍ସିଂଦ୍ୱାରା ମତ ରଖିଥିଲେ । ଏଇ ତ୍ରି ଦିବସୀୟ କାର୍ଯ୍ୟକ୍ରମ ରେ ଡା.ହିତାର୍ଥ ପଟ୍ଟନାୟକ ଏବଂ ଡା.ଦୁର୍ଗାଶଙ୍କର ପତି ଭୌତିକ ବିଜ୍ଞାନ ଉପରେ ଆଲୋଚନା କରିବା ସହ ସମ ସାମୟିକ ସମୟରେ ବିନା ମେଡ଼ିସିନ ରେ ଫିଜିଓଥେରାପି ଚିକିତ୍ସା ଦ୍ୱାରା ମଣିଷ କିପରି ସ୍ୱସ୍ଥ ରହି ପାରିବ ,ଏ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ସଭିଙ୍କୁ ମୁଗ୍ଧ କରିଥିଲେ । ଯେଉଁଥିପାଇଁ ବାଲେଶ୍ୱର ରୁ ଯାଇଥିବା ଡା.ହିତାର୍ଥ ପଟ୍ଟନାୟକ ଏବଂ ଡା.ଦୁର୍ଗାଶଙ୍କର ପତିଙ୍କୁ ସମ୍ମିଳନୀର ଉଦଯାପନ ସମାରୋହରେ ସ୍ମୃତି ଫଳକ ଓ ଉତ୍ତରୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଏହା ବାଲେଶ୍ୱର ପାଇଁ ଗର୍ବ ଏବଂ ଗୌରବ ହୋଇଥିବାରୁ ବାଲେଶ୍ୱର ବାସୀ ଏଭଳି ପ୍ରବୀଣ ତଥା ଅଭିଜ୍ଞ ଫିଜିଓଥେରାପିଷ୍ଟ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅସହାୟ ବୃଦ୍ଧଙ୍କ ଉଦ୍ଧାର କଲା ଏଟିଏଚ ରକ୍ସ ପରିବାର



ବେତନଟୀ, ୧୫/୩ (ନି.ପ୍ର): ବେତନଟୀସ୍ଥିତ ଏଟିଏଚ ରକ୍ସ ପରିବାର, ଓଡ଼ିଶା ତରଫରୁ ମୟୁରଭଞ୍ଜ ଜିଲ୍ଲା ବେତନଟୀ ମୁଖ୍ୟ ବଜାରରେ ଜଣେ ଅସହାୟ ଅବସ୍ଥାରେ ପଡ଼ିଥିବା ବୃଦ୍ଧଙ୍କୁ ଏହି ପରିବାରର ସଦସ୍ୟମାନେ ଉଦ୍ଧାର କରିଛନ୍ତି । ସୂଚନା ଅନୁଯାୟୀ ବେତନଟୀ ବଙ୍ଗଳାଛକଠାରେ ଅନେକ ଦିନରୁ ଏକ ଅସହାୟ ବୃଦ୍ଧଟି ରାସ୍ତା କଡରେ ପଡିରହିଥିବାର ଦେଖିବାକୁ ମିଳିଥିଲା । ଏଣୁ ସ୍ଥାନୀୟ ମଞ୍ଜୁଲତା ପାତ୍ରଙ୍କ ଠାରୁ ସୂଚନା ପାଇ ଏ ଟି ଏଚ ରକ୍ସ ପରିବାର ସଂଗଠନର ସଦସ୍ୟମାନେ ସେହି ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ତାକୁ ଖାଇବାକୁ ଦେଇ ୧୦୮ ଆମ୍ବୁଲାନ୍ସ ଯୋଗେ ଅଧିକ ଚିକିତ୍ସା ନିମନ୍ତେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଏହିପରି ଅନେକ ସାମାଜିକ କାର୍ଯ୍ୟକ୍ରମ ଏହି ପରିବାର ତରଫରୁ ମୟୁରଭଞ୍ଜ ଜିଲ୍ଲା ସାରାରେ ଚାଲୁ ରହିଥିବାର ନଜର ଆସିଛି ।

## ଅଜଣା ବାଇକ ଧକାରେ ସାଇକେଲ ଆରୋହୀ ମୃତ

ନୀଳଗିରି , ୧୫/୩ (ନି.ପ୍ର): ଅଜଣା ବାଇକ ଧକାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ସୁଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ଜଡ଼ିଦା ଗ୍ରାମପଞ୍ଚାୟତ ଜୋକନଣ୍ଡା ଗ୍ରାମର ପରେଶ ପ୍ରଧାନ ନିଜ ପୁଅକୁ ଚତର ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଆଣିବାକୁ ଯାଉଥିବା ସମୟରେ ଏକ ଅଜଣା ବାଇକ ତାଙ୍କୁ ପଚପଟୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ପରେଶ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ପକ୍ଷରୁ ୭୭/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠେଇଥିଲେ।

# ସିଆର୍‌ପି ନିଯୁକ୍ତି ଦାବିରେ ଆମରଣ ଅନଶନ



ବାଲିଆପାଳ/ଲଙ୍ଗଳେଶ୍ୱର , ୧୫/୩ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମ ପଞ୍ଚାୟତର ଖାଗଡାପାଳ ଗ୍ରାମର ଖଗଡାପାଳ ଆଞ୍ଚଳିକ ମଞ୍ଚ ୦୧ ସି ଆର୍ ପି ନିଯୁକ୍ତି ଦାବିରେ ଆଜି ବ୍ଲକରେ ସୁନିତା ସାହୁ ଆମରଣ ଅନଶନରେ ବସିଛନ୍ତି। ସି ଆର୍ ପି ଗାଇଡ ଲାଇନ ଅନୁଯାୟୀ ତାଙ୍କୁ ନିଯୁକ୍ତି ମିଳିବାକୁ ଥିଲା । କିନ୍ତୁ ପ୍ରଶାସନ ଚଞ୍ଚକତା କରି ସେହି ଗ୍ରାମର ଅନ୍ୟ ଜଣେ ମହିଳା ଗୌରୀ ମଣି ଦାସ ଙ୍କୁ ନିଯୁକ୍ତି ଦେଇ ଛନ୍ତି। ଏନେଇ ସୁନିତା ପୂର୍ବରୁ ବାଲିଆପାଳ ବି ଡି ଓ ଓ ଅନ୍ୟ ଉଚ୍ଚ ପଦାଧିକାରୀମାନଙ୍କୁ ଜଣାଇ ଥିଲେ। ମାତ୍ର କୌଣସି ସୁଫଳ ନ ମିଳି ବାରୁ ସେ ଏପରି ପନ୍ଥା ଅବଲମ୍ବନ କରି ଥିବା କହି ଛନ୍ତି। ତାଙ୍କୁ ଯେ ପର୍ଯ୍ୟନ୍ତ ନିଯୁକ୍ତି ନ ମିଳିଛି ସେ ପର୍ଯ୍ୟନ୍ତ ସେ ଅନଶନ ଜାରି ରଖିବେ ବୋଲି ସୁନିତା କହିଛନ୍ତି। ବି ଡି ଓ ବିନୋଦ ଚନ୍ଦ୍ର ପଣ୍ଡା ସମସ୍ତ ଡକୋମେଣ୍ଟ ମଧୁପୁରା ପଞ୍ଚାୟତ ଖଗଡ଼ାପାଳ ଆଞ୍ଚଳିକ ମଞ୍ଚ ୦୧,ସି ଆର୍ ପି ସେଣ୍ଟର୍ କୁ ପଠାଇ ଦେଇଛନ୍ତି ବୋଲି କହିଛନ୍ତି।

# ବୁଣାକାର ସଚେତନତା ଶିବିରରେ ଯୋଗଦେଲେ ୪ଶହରୁ ଉର୍ଦ୍ଧ୍ୱ ମହିଳା କାରିଗର

ବସ୍ତା, ୧୫/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମଥାନୀ ପଞ୍ଚାୟତ ତିଗିରିଆ ଗ୍ରାମରେଥିବା ନିସ୍ତାରିଣୀ ହରିଜନ ତନ୍ତୁ ବାୟସହଯୋଗ ସମିତି ରେ ବୁଣାକାର ସଚେତନତା ସିବିର ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇ ଅଛି । ଏହି ଶିବିରରେ ଶିକ୍ଷାବିତ ନରେନ୍ଦ୍ର କୁମାର ଦଣ୍ଡପାଟ ସଭାପତିତ୍ୱ କରିଥିଲେ । ଉଦଘଟକ ଭାବେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶିକା ବାଲେଶ୍ୱର ପଦ୍ମାସନୀ ସାହୁ ଯୋଗଦେଇ ଜଗନ୍ନାଥ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବାସହିତ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ।ମୂଖ୍ଯ ଅତିଥି ବାଲେଶ୍ୱର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏ ଜି ଏମ ଅଭିରାମ ମହାନ୍ତି.ମୂଖ୍ଯ ବକ୍ତା ବସ୍ତା ପ୍ରେସ କ୍ଲବର ସଭାପତି ବିଜୟ କୁମାର ଭୂୟାଁ ।ସମ୍ମାନୀତ ଅତିଥି ବାଲେଶ୍ୱର ଭଦ୍ରଖ ସେବା ସମବାୟ ବ୍ୟାଙ୍କର ଶାଖା ମ୍ୟାନେଜର ତୁଷାରକାନ୍ତ ପାତ୍ର.ମଥାନୀ ସରପଞ୍ଚ ମମତାରାଣୀ ସିଟ.ସୁପର ଭାଇଜର ମମତାରାଣୀ ଦାସ, ସାମ୍ବାଦିକ ଶୁସାନ୍ତ କୁମାର ପ୍ରଧାନ, ବୟନ ପରିଦର୍ଶକ ମାଣିକ ହେମ୍ ରମ. ବୟନ ନିରିକ୍ଷକ ପ୍ରିତିମ ସାହୁ .ବୌଷୟିକ ସହାୟକ ବିଦ୍ୟୁତ କୁମାରଦାସ ଯୋଗ ଦେଇ ସରକାରଙ୍କ ମହିଳା ମାନଙ୍କ ଆତ୍ମ ନିର୍ଭରଶିଳ ହେବାସହିତ ପ୍ରତ୍ୟେକ ବୁଣାକାର ବଳିଆ ଯୋଜନା ମାଧ୍ୟମରେ ଭତ୍ତା ଯୋଜନା ବିଷୟରେ ବୁଝାଇଥିଲେ ।୪ଟି ସମିତିର ମହିଳା ମାନେ ଯୋଗ ଦେଇଥିଲେ ନିସ୍ତାରିଣୀ, ଭବାନୀ, ଭଗବତୀ, ସିର୍ଦ୍ଧେଶ୍ୱର ସମିତିର ସମସ୍ତ କର୍ମକର୍ତ୍ତା ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ । ସମିତିର ସମ୍ପାଦିକା ଶ୍ରୀମତୀ ମିନତୀ ଦଣ୍ଡପାଟ ଧନ୍ୟବାଦ ଜଣାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo